ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.54 Bhubaneswar Saturday April 01 2023 | ୨୬ତମ ବର୍ଷ ସଂଖ୍ୟା-୫୪ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ପୁଣି ଆଗୁଆ ବନ୍ଦ କରିଦେଲେ ବିଧାନସଭା, ୩ଟି ବିଲ୍ ବି ଫେରାଇଦେଲେ



ଭୁବନେଶ୍ୱର,୩୧ ।୩(ପି.ଏନ): ବିଧାନସଭାର ଅଧିବେଶନକୁ ଶାସକ ବିଜେଡି ଆଜି ପୁଣିଥରେ ଆଗୁଆ ବନ୍ଦ କରିଦେଇଛି । ୪ଟି କାର୍ଯ୍ୟଦିବସ ଥାଇ ବିଧାନସଭାର ୨୭ଦିନିଆ ବଜେଟ୍ ଅଧିବେଶନକୁ ବାଚ୍‌ସ୍ପତି ବିକ୍ରମ କେଶରୀ ଆରୁଖ ଆଜି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ଆଜି ଅଚାନକ ପରିବର୍ତ୍ତନ କରିବା ସହ ଚଳିତ ସପ୍ତାହରେ ଗୃହରେ ଉପସ୍ଥାପିତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲକୁ ମଧ୍ୟ ସରକାର ଶେଷ ମୁହୂର୍ତ୍ତରେ ଫେରାଇ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩ତାରିଖରେ ଜାପାନ ଗସ୍ତରେ ଯାଉଥିବାରୁ ବିରୋଧୀ ଦଳଙ୍କ ଦାବିକୁ ଅଣଦେଖା କରି ଶାସକ ବିଜେଡି ଆଜି ତରବରିଆ ଭାବେ ଗୃହକୁ ମୁଲତବୀ କରିବା ନିମନ୍ତେ ପ୍ରସ୍ତାବ ଆଣିଥିଲା, ଯାହାକୁ ବାଚ୍‌ସ୍ପତି ଗ୍ରହଣ କରିଥିଲେ ।ସୂଚନା ଅନୁସାରେ, ବିଧାନସଭା ଅଧିବେଶନ ୨ଟି ପର୍ଯ୍ୟାୟରେ ଫେବୃୟାରୀ ୨୧ରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୭ଦିନ ବସିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଚଳିତ ବଜେଟ୍ ଅଧିବେଶନ ଫେବୃୟାରୀ ୨୧ତାରିଖରୁ ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୩ଦିନ ଚାଲି ପାରିଛି । ଏହି ଅଧିବେଶନ କାଳରେ ଗୃହରେ ୬ଜଣ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକପ୍ରସ୍ତାବ ପାରିତ ହୋଇଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ତଦନ୍ତ, ଜାଲ ସାର୍ଟିଫିକେଟ ର୍‍ୟାକେଟ୍ , ଫାଇଭ-ଟି ବ୍ୟବସ୍ଥା, ବାଣିକ୍ କୋଚିଂ ସେଂଟର ଉପରେ ରେଡ୍ , ମହାନଦୀ ଜଳ ବିବାଦ, କେନ୍ଦ୍ର ସରକାର ଗରିବଙ୍କ ଚାଉଳ କୋଟା କାଟିବା ଆଦି ପ୍ରସଙ୍ଗରେ ଗୃହରେ ଉଭୟ ଶାସକ-ବିରୋଧୀ ମୁହାଁମୁହିଁ ହୋଇଥିଲେ ।

## ସତ୍ୟବ୍ରତ ସାହୁଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଏସିଏସ୍ ଦାୟିତ୍ୱ

ଭୁବନେଶ୍ୱର, ୩୧ ।୩(ପି.ଏନ): ବରିଷ୍ଠ ଆଇଏଏସ୍ ଅଧିକରୀ ସତ୍ୟବ୍ରତ ସାହୁଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି । ନିଜ ବିଭାଗ ସହ ଶ୍ରୀ ସାହୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ରହିବେ । ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଦାୟିତ୍ୱରେ ଅଛନ୍ତି ସତ୍ୟବ୍ରତ । ସେହିପରି ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍ ଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଶୁକ୍ରବାର ଦିନ ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଝାରସୁଗୁଡା ଉପନିର୍ବାଚନ: ଦୀପାଳି ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର,୩୧ ।୩(ପି.ଏନ): ଝାରସୁଗୁଡା ଉପନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀ ଘୋଷଣା କରିଛି ବିଜେଡି । ଦଳ ସ୍ୱର୍ଗତଃ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି । ଏହି ଘୋଷଣା ପରେ ଦୀପାଳି କହିଛନ୍ତି, 'ମୋ ଉପରେ ଭରସା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ । ମୁଖ୍ୟମନ୍ତ୍ରୀଙ୍କ ଏହି ଭରସାକୁ ଆଗାମୀ ଦିନରେ କାଏମ ରଖିବି । ଆଜି ମୋ ବାପା ଥିଲେ ବହୁ ଖୁସି ହୋଇଥା'ନ୍ତେ ।'


ବନ୍ଦେ ଉତ୍କଳ ଜନନୀ



ପବିତ୍ର ଉତ୍କଳ ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୩ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ରାଜ୍ୟପାଳ, ଓଡ଼ିଶା

DADLS-99
15001/13/0286/2223

ବନ୍ଦେ ଉତ୍କଳ ଜନନୀ

ଓଡ଼ିଶା ସରକାର



ଓଡ଼ିଶା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ସଫଳତାର ନୂଆ ପରିଚୟ ନେଇ ଆଗକୁ ବଢୁଛି । ଆସନ୍ତୁ, ଏହି ଧାରାକୁ ଆହୁରି ଆଗକୁ ନେବା ଓ ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-99
15001/13/0286/2223



ଓଡ଼ିଶା ଦିବସ ୨୦୨୩
ପାଳନ ଅବସରରେ ବାର୍ତ୍ତା

ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଆଜିର ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାମନୀଷୀମାନଙ୍କୁ ମୁଁ ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ ଓ ସମୃଦ୍ଧି ସହ ଓଡ଼ିଶାର ଗୌରବକୁ ସାରା ବିଶ୍ୱରେ ପହଞ୍ଚାଇବା ନିମନ୍ତେ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ଶପଥ ନେଇ କାର୍ଯ୍ୟ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-99
15001/13/0286/2223










# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ



ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ



ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା

ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଟିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଟିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଟିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।



# ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ



ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ୱାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ



ପୂଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି





ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ




ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ୟୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ




ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମା'ଙ୍କର ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୂହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧାନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮/୯୪୩୭୪୪୧୦୭୨**

# ପୁରାଣବିଦିତ ଅବତାରବାଦ ଓ ପ୍ରଭୁ ଶ୍ରୀରାମ



ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ। ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ। ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି। ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି। ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି। ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି। କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୁଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ। ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ। ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇପାରିବ।



ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି। (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ। ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ। ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ତର ଚେତନା ହିଁ ଅବତାରକୁ ବୁଝାଏ। ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ। ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଳାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ। ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ।

ରାମାୟଣ ଯୁଗରେ (ତ୍ରେତା), କୁଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃପ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ। ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ। କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି। ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି। ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ! ହା ଜାନକୀ ହା ଲକ୍ଷ୍ମଣ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ।



ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା। ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁ ଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଘୁରି ବୁଲିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା। ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ। ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ଟ୍ୟ ପ୍ରତିପାଦନ କଲେ। ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି। ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁ ଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି । ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ। ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ। ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି। ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି। ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ୍ୟ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରଖିଛନ୍ତି। ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି। ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିଷ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ। ଜୟ ଶ୍ରୀରାମ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କୋଣାର୍କରେ ଅଶୋଭନୀୟତା ନିରୋଧ ଦିବସ ପାଳିତ



କୋଣାର୍କ (ପିଏନ୍)- ଅପ୍ରେଲ ୮ତାରିଖ ପୂଜ୍ୟ ଶ୍ରୀ କୁମାର ଭାଇଙ୍କର ୭୫ତମ ଜନ୍ମ ଜୟନ୍ତୀ ଓ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦିବସ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ପାଳିତ ହୋଇଯାଇଛି । କୁମାର ଭାଇଙ୍କ ଉଦ୍ୟମରେ ୧୯୬୨ ମସିହା ଅପ୍ରେଲ ମାସ ୮ତାରିଖରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଜନ୍ମ ନେଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅପ୍ରେଲ ମାସ ୮ତାରିଖ ଦିନ ବିଭିନ୍ନ ସ୍ଥାନରେ ପାଳନ କରାଯାଇ ଆସୁଅଛି ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦିବସ । ସାହିତ୍ୟ, କଳା, ସମ୍ବାଦପତ୍ର, ନାଟକ ଓ ଚଳଚିତ୍ରରେ ଅଶୋଭନୀୟତାକୁ ନିରୋଧ କରିବା ଥିଲା କୁମାର ଭାଇଙ୍କର ମୂଳଲକ୍ଷ୍ୟ। ଶୋଭନୀୟତାର ବିକାଶ ହେଲେ ମାନବର ମନ, ରୁଚି ତଥା ଜୀବନଚର୍ଯ୍ୟା ନିଶ୍ଚିତ ଶୋଭନୀୟ, ଶୃଙ୍ଖଳିତ ଓ ଉନ୍ନତ ମାନର ହେବ ବୋଲି ଶ୍ରୀ କୁମାର ଭାଇ ପ୍ରବର୍ତ୍ତାଉଥିଲେ । ଏହି ଅବସରରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରବର୍ତ୍ତକ ପୂଜ୍ୟଶ୍ରୀ କୁମାରଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅଜି 'ଅଶୋଭନୀୟତା ନିରୋଧ ଦିବସ ଅପ୍ରେଲ ଅଠ' ପାଳିତ ହୋଇଯାଇଛି । କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ସକାଳ ୬ଟାରେ ପୂଜ୍ୟଶ୍ରୀ କୁମାରଭାଇଙ୍କ ପ୍ରତିମୁର୍ତ୍ତି ପାଖରେ ସର୍ବଧର୍ମ ସମନ୍ୱୟ ପ୍ରାର୍ଥନା ଓ ସଙ୍କୀର୍ତ୍ତନ କରିଥିଲେ । ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସକାଳ ୮ଟାରେ ମାନବିକତାର ପତାକା ଉତ୍ତୋଳନ କରାଯିବା ପରେ ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀ ବିଦ୍ୟୁଲତା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଅତିଥି, ଗୁରୁମା ମାନେ ପ୍ରମୁଖ ଯୋଗଦେଇ ଶୋଭନୀୟ ଶିକ୍ଷାଶ୍ରମ ଏକ ମଣିଷ ତିଆରି କାରଖାନା ଏବଂ ଏହାର ଆଦର୍ଶ ଶିକ୍ଷାବ୍ୟବସ୍ଥା ସମାଜରେ ନୈତିକ ମୂଲ୍ୟବୋଧସମ୍ପନ୍ନ ବ୍ୟକ୍ତିତ୍ୱ ଗଠନରେ ମାଇଲଖୁଣ୍ଟ ସଦୃଶ ବୋଲି ମତପୋଷଣ କରିଥିଲେ । ଶିକ୍ଷାଶ୍ରମ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ବିଭିନ୍ନପ୍ରକାର ସଚେତନତାଧର୍ମି ସାଂସ୍କୃତିକ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ । ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବିଭିନ୍ନ ଅନୁଷ୍ଠାନମାନଙ୍କୁ ପ୍ରଦାନ କରାଯାଇଥିବା ମାନବିକତାର ପତାକାକୁ ଉତ୍ତୋଳନ କରାଯାଇଥିବାବେଳେ କୁମାର ଭାଇଙ୍କ ଆଦର୍ଶ ଜୀବନାଚର୍ଯ୍ୟର ସ୍ମୃତିଚାରଣ କରାଯାଇ ମିଷ୍ଟାନ ବଣ୍ଟନ କରାଯାଇଥିଲା ।

## ଧର୍ମଶାଳା ରଜ କୁଇନ୍-୨୦୨୨ ଆବେଦନ ପତ୍ର ଉନ୍ମୋଚନ



ଧର୍ମଶାଳା (ପିଏନ୍): ଚଳିତ ବର୍ଷ ଧର୍ମଶାଳା ରଜ କୁଇନ ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଗାର୍ଲସ୍ ଉଇଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧିତନୟା ମଲ୍ଲିକଙ୍କ ତତ୍ତ୍ୱାବଧାନରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଆଜି କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଗାର୍ଲସ ଉଇଙ୍ଗ୍ କର୍ମକର୍ତ୍ତାଙ୍କ ଦ୍ୱାରା ଧର୍ମଶାଳା ରଜ କୁଇନ୍ ଆବେଦନ ପତ୍ର ଉନ୍ମୋଚନ କରାଯାଇଛି ତା- ୦୮.୦୪.୨୦୨୨ଠାରୁ ୨୫.୦୪.୨୦୨୨ ପର୍ଯ୍ୟନ୍ତ ଆବେଦନ ପତ୍ର ଧର୍ମଶାଳା ନିର୍ବାଚନମଣ୍ଡଳୀ ପ୍ରତେକ ପଚାଂୟତର ସରପଂଚ ଏବଂ ଗାର୍ଲସ୍ ଉଇଙ୍ଗ୍ ସଭାନେତ୍ରୀଙ୍କ ନିକଟରେ ଉପଲବ୍ଧ, ସମସ୍ତ ପ୍ରତିଭା ମାନଙ୍କର ବୟସ ସୀମା ୧୬ ରୁ ୩୦ ମଧ୍ୟରେ ହୋଇଥିବ ଏବଂ ସମସ୍ତ ପ୍ରତିଭା ଧର୍ମଶାଳା ନିର୍ବାଚନମଣ୍ଡଳୀର ହୋଇଥିବେ। ପ୍ରତେକ ପଚାଂୟତରେ ଥିବା ପ୍ରତିଭା ମାନେ ଆବେଦନ ପତ୍ର ଗ୍ରହଣ କରି ଏପ୍ରିଲ୍ ୨୫ ତାରିଖ ସୁଦ୍ଧା ନିଜ ପଚାଂୟତର ସରପଂଚ କିମ୍ବା ଗାର୍ଲସ ଉଇଙ୍ଗ୍ ସଭାନେତ୍ରୀଙ୍କ ନିକଟରେ ଦାଖଲ କରିବାକୁ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତର'ରୁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଧର୍ମଶାଳାର ଲୁକ୍କାୟିତ ଝିଅ ମାନଙ୍କ ଭିତରେ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣି ଜିଲ୍ଲା, ରାଜ୍ୟ ଏବଂ ଦେଶରେ ପ୍ରତିଭାମାନଙ୍କୁ ପ୍ରତିଷ୍ଠିତ କରିବା କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନର ଲକ୍ଷ୍ୟ। ଉକ୍ତ କାର୍ଯ୍ୟକ୍ରମରେ ଗାର୍ଲସ୍ ଉଇଙ୍ଗ୍‌ର ସମସ୍ତ ବ୍ଲକ କର୍ମକର୍ତ୍ତା, ଜୋନ ସଭାନେତ୍ରୀ, ପଚଂୟତ ସଭାନେତ୍ରୀ, ଡିଜିଟାଲ ସେକ୍ରେଟାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶାକାହାରୀ ରଙ୍ଗଣୀ ସମାଜର ସୁବର୍ଣ୍ଣ ଜୟନ୍ତୀ ୧୦ରେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ନହଙ୍ଗାପାଟଣାଠାରେ ଶ୍ରୀରାମ ନବମୀ ଓ ଦଶମୀ ଅବସରରେ ଆସନ୍ତା ୧୦ ଓ ୧୧ ତାରିଖ ୨ଦିନ ଧରି ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ ଯାଜପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ଶର୍ମିଷ୍ଠା ସେଠୀ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେବେ ବୋଲି ସଭାପତି ଅଜୟ କୁମାର ସାହୁ ଓ ସମ୍ପାଦକ ଶ୍ରୀଧର ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଏଥିରେ ବର୍ଷିୟାନ ବ୍ୟକ୍ତିତ୍ୱ ଓ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ସ୍ମରଣିକା ଉନ୍ମୋଚନ କରାଯିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୧**

# ଉତ୍କଳ- ପ୍ରତିଟି ଓଡ଼ିଆ ପ୍ରାଣର ପ୍ରତିଧ୍ୱନି


ଡ଼ି ଶୁଭମ୍

ଓଡ଼ିଆ - କେବଳ ଏକ ଭାଷା ନୁହେଁ , ଏହା ପ୍ରତିଟି ଓଡ଼ିଆଙ୍କ ଛାତି ତଳେ ଚାପି ରହିଥିବା ସେହି ଅଖଣ୍ଡ ଶକ୍ତିଟିଏ। ଐକ୍ୟ ଓ ଅଖଣ୍ଡତାର ସମାହାରରେ ପୁଷ୍ପିତ , ଆର୍ଯ୍ୟଋଷିମାନଙ୍କ ଉଦରା ମାନବିକତାର ଏକ ଶ୍ରେଷ୍ଠ ଉଚ୍ଚାରଣ ବସୁଧୈବ କୁଟୁମ୍ବକମ, ତଥା ବହୁ ଭାଷାଭାଷୀ ମଣିଷଙ୍କ ବିଚିତ୍ର ମିଳନ ଭୂମି ଏ ଭାରତବର୍ଷ। ଏହାରି ଭିତରେ ଓଡ଼ିଆ ଓ ଓଡ଼ିଶାର ମହତ୍ତ୍ୱ ଟିକେ ନିଆରା। ଏହାର କଳେବରରେ ଭରି ରହିଛି ଏକ ନୂତନ ସ୍ୱାତନ୍ତ୍ର୍ୟ। ଏହାର ସଭ୍ୟତାର ପରିଭାଷା ସ୍ୱଚ୍ଛନୀରା ମନ୍ଦାକିନୀର ଧାରା ପରି ପବିତ୍ର। ଶ୍ରମ,ସାଧନା ଓ ସମର୍ପଣର ଉପାଦାନରେ ପରିସ୍ଫୁଟ ଆମ ଓଡ଼ିଶା ପ୍ରଦେଶ ଏକ ମହାଭାରତୀୟ ଚେତନାର ଆଦ୍ୟରୂପ। ଏଠି ଗାଁର ମଧୁମୟ ପରିବେଶ ସାଙ୍ଗକୁ ପରିବାରର ପ୍ରେମପ୍ରଣୟ ବେଶ ଜୀବନ୍ତ ହୋଇଉଠେ। ସେଇଥିପାଇଁ ତ ଆମେ ଛାତିଫୁଲେଇ କହିପାରୁଛେ ମୁଁ ଓଡ଼ିଆ , ଓଡ଼ିଆ ମୋର ଭାଷା। ଓଡ଼ିଆର ମନ୍ତ୍ରଧ୍ୱନିରେ ଧ୍ୱନିତ ଓଡ଼ିଶା। ପ୍ରତିବର୍ଷ ଏପ୍ରିଲ ୧ ତାରିଖକୁ ଆମେ ଉତ୍କଳ ଦିବସ ଭାବେ ପାଳନ କରୁ ସତ କିନ୍ତୁ କାହିଁକି କେଉଁଠି ନା କେଉଁଠି ଏହି ଦିନ ଉତ୍କଳ , ଉଡ୍ର , ଓଡ଼ିଶା ପ୍ରତି ମନ ଭିତରେ ଥିବା ଆବେଗପଣ ଆଉ ଟିକେ ଜୀବନ୍ତ ହୋଇଉଠେ। ନିଜ ଭାଷାକୁ ନେଇ ଗର୍ବ କରିବାକୁ ମନେ ହୁଏ।

ଭାଷା ହିଁ ଜୀବନ ଶକ୍ତି ଜୀବ ମାନଙ୍କର , ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର । ବୈଦିକ ଯୁଗରେ ବି ବେଦର ଭାଷା ଥିଲା ମୁନିଋଷି ମାନଙ୍କ ଭାଷା। ସୁତରାଂ ସବୁ ସମୟରେ ଭାଷା ହିଁ ଜୀବନଯମୁନାରେ ଏକ ନୂତନତା ଓ ଆତ୍ମୀୟତାର ସରଳରେଖା ଟାଣିଥାଏ। ଏହାର ଗତି ନିର୍ଣ୍ଣିତ ଓ ସ୍ୱାଦ ବି ଅପରିବର୍ତ୍ତିତ। ଭାଷା ମଣିଷର ଭୂଷଣ। ଠିକ୍ ସେମିତି ଓଡ଼ିଆ ଆମ ମାତୃଭାଷା। ସମୟର ଗତାନୁଗତିକ ପରିବର୍ତ୍ତନ ସହିତ ଆଜି ଓଡ଼ିଆ ମାନେ ନିଜ ମାତୃଭାଷାକୁ କହିବା ପାଇଁ ବି ଲାଜ କରୁଛନ୍ତି। ଅତ୍ୟନ୍ତ ପରିତାପର ବିଷୟ ଆଜିର ଓଡ଼ିଆ ମାନେ ବିଦେଶୀ ଭାଷାର ନିଶାରେ ମାତି ଯାଇଛନ୍ତି। ସେଇପାଇଁ –

ବର୍ଣ୍ଣବୋଧ ଭାଷା ଆଜି ବିବର୍ଣ୍ଣ ହେଲାଣି
ବିଦୀର୍ଣ୍ଣ ହେଉଛି ଛାତି
ଦେଖି ସ୍ୱଦେଶୀଙ୍କ ବିଦେଶିନୀ ମୋହ
କାନ୍ଦେ ଭାଷା ସଂସ୍କୃତି
ଦେଶଜାତି ପ୍ରୀତି ,
ଇଂରାଜୀ ଭାଷାର ନିଶାରେ ମାତିଛି
ମାତାଲ ଓଡ଼ିଆ ଜାତି।

ବିଶ୍ୱସ୍ତରରେ ପରିଚିତ ଆମ ଓଡ଼ିଶା ଭାଷା। କାହିଁକି ନା ଆମେ ଓଡିଆ , ଆମ ଭାଷା ଓଡ଼ିଆ। ସେଥିପାଇଁ ନିଜକୁ ସଜାଗ ରଖିବାକୁ ହେବ। ଭବିଷ୍ୟତରେ ଯେମିତି ଭାଷା ସମସ୍ୟା ସୃଷ୍ଟି ନ ହଉ , ଆଂଚଳିକତାକୁ ଜଳାଂଜଳି ଦେବାକୁ ହେବ - ଏକଥାକୁ ସ୍ମରଣ ରଖିବାକୁ ହେବ। ଏକ ପରିବାର ,ଏକ ଭାଷା ଏହି ଉକ୍ତିରେ ନିଜକୁ ପରିଚାଳିତ କରିବାକୁ ହେବ।

ମା' ର ଭାଷା ହିଁ ମାତୃଭାଷା। ଏହା ଯେତେ ସୁନ୍ଦର ସରସ ସାବଲୀଳ ଅନ୍ୟ କୌଣସି ଭାଷା କେବେ ଏହାର ସମକକ୍ଷ ହୋଇପାରିବ ନାହିଁ । ମାତୃଭାଷାରେ ଗୋଟିଏ ଜାତିର ସ୍ୱାଭିମାନ୍ ପ୍ରକଟିତ। ମାତୃଭାଷାକୁ ନିନ୍ଦା ଆଉ ଅବମାନନା କରିବା ଲୋକ ଜାତିଦ୍ରୋହୀ। ଗଙ୍ଗାଧର ମେହେର ଦିନେ କହିଯାଇଥିଲେ

ମାତୃଭୂମି ମାତୃଭାଷା ରେ ମମତା ଯା ହୃଦେ
ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ
ରହିବେ କାହିଁ।

ଯେଉଁ ଦେଶର ଭାଷା ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ। କୌଣସି ଉନ୍ନତ ଦେଶର ସାହିତ୍ୟ ଓ ସଂରକ୍ଷଣ ତାହାର ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସେ ଦେଶର ଶିକ୍ଷା ଓ ସଂସ୍କୃତି ଆପେଆପେ ବିକଶିତ ହୁଏ। ଠିକ ଏହି କାରଣରୁ ଇଂରାଜୀ ଭାଷା ବିଶ୍ୱ ଦରବାରରେ ଜନାଦୃତ ହାଇ ପାରିଛି। ଯେଉଁ ଦେଶର ଭାଷା ଦୁର୍ବଳ, ସେ ଦେଶ ପ୍ରଗତି ସେତେ ମନ୍ଥର। ଯଦିଓ ପୃଥିବୀର ବିକଶିତ ଭାଷା ମାନଙ୍କ ମଧ୍ୟରେ ଇଂରାଜୀ ଅନ୍ୟତମ ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଟେଲିଯୋଗାଯୋଗ କ୍ଷେତ୍ରରେ ପ୍ରାଧାନ୍ୟ ଅଧିକ, ତଥାପି ଫ୍ରାନ୍ସ, ଜାପାନ୍, ନେଦରଲ୍ୟାଣ୍ଡ ପ୍ରଭୃତି ଦେଶ ନିଜ ମାତୃଭାଷା ରେ ଶିକ୍ଷାଲାଭ କରି ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମାତୃଭାଷା ରେ ଶିକ୍ଷାଦାନ କରିବା ଶିକ୍ଷକ ମାନଙ୍କ ପାଇଁ ସହଜ ଆଉ ଏହାକୁ ହଜମ କରିବା ଛାତ୍ରମାନଙ୍କ ପାଇଁ ମଧ୍ୟ ସହଜ। ଏହା ମନ ଓ ହୃଦୟ ଉଭୟଙ୍କୁ ଛୁଇଁପାରେ। ହୁଏତ ଅଳ୍ପ କେତେଙ୍କ ପାଇଁ ପ୍ରବାସୀ ଭାଷା ସୁବୋଧ ହୋଇପାରେ ପରନ୍ତୁ ଅଧିକାଂଶ ପିଲାଙ୍କ ପାଇଁ ଏହା ଦୁର୍ବୋଧ। ତେଣୁ ଯେତେ ଡିଣ୍ଡିମ ପିଟି ପ୍ରବାସୀ ଭାଷା ର ପ୍ରଚାର କଲେବି ଏହା ଧର୍ମ କୁ ଆଖି ଠାର ପରି। ଏବର ଭାରତ ବର୍ଷରେ ଏବେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନକୁ ପ୍ରସାର କରାଯାଉଛି। ଏହି ଶିକ୍ଷାଧାରରେ ମନୁଷ୍ୟ ପାଶ୍ଚାତ୍ୟ ର ଅନୁଗାମୀ ହୋଇଯାଇଛି। ଫଳରେ ଆଜି ବୈକୁଣ୍ଠ ନର୍କ ହୋଇଯାଇଛି। ସବୁ ସରକାରୀ କାର୍ଯ୍ୟାଳୟରେ ଇଂରାଜୀ ଫଳକ ଲାଗୁଚି। ସରକାରୀ ଚିଠିପତ୍ର ରେ ଇଂରାଜୀ ଶବ୍ଦ। ଯାହାର ପରିଣତି ହେଉଛି ଭାରତର ବ୍ରେନଡ୍ରେନ। ଆମ ଦେଶରେ ବହୁ ଭାଷା ପ୍ରଚଳିତ। ଏମାନଙ୍କ ମଧ୍ୟରେ ସଂହତି ସହାନୁଭୂତି ଭରି ରହିଛି। ବିବିଧତା ଭିତରେ ଏକତା ଆମର ମୂଳମନ୍ତ୍ର। ପରନ୍ତୁବର୍ତ୍ତମାନ ସେଇ ମମତାବନ୍ଧନର ଶିଥିଳ ହୋଇଯାଇଛି। ସଂପ୍ରଦାୟିକତା ବଢିଛି। ସୋହାର୍ଦ୍ଦ୍ୟ କମୁଛି। ଓଡିଆ ଲୋକ ଆନ୍ଧ୍ରରେ ଓଡିଆ କହିଲେ ମାଡ ଖାଇବାକୁ ପଡୁଛି। ଅବଶ୍ୟ ଭାରତ ବର୍ଷରେ ଏବେ ଇଂରାଜୀ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହାର କୁପରିଣତି କାହାକୁ ଅବିଦିତ ନୁହେଁ। ଏହାର ଶିକ୍ଷାଧାର ରେ ପ୍ରଭାବିତ ହୋଇ ମାନବ ପଶ୍ଚାତ୍ୟର ଅନୁଗାମୀ ହୋଇ ପାରିବାରିକ ସମ୍ପର୍କ ଛିନ୍ନ କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଭାରତରେ ବାସ କରୁଥିବା ଯେତେଜଣ ବ୍ୟକ୍ତି ନୋବେଲ ପୁରସ୍କାର ପାଇଛନ୍ତି ତାଠୁ ଅଧିକ ପ୍ରବାସୀ ଭାରତୀୟ ପାଇଛନ୍ତି। ଏହା ସ୍ପଷ୍ଟ ପ୍ରମାଣିତ କରୁଛି ଯେ ପ୍ରବାସୀ ଭାଷା ମାଧ୍ୟମରେ ଶିକ୍ଷିତ ଯୁବ ଗୋଷ୍ଠି ମାତୃଭୂମି ପ୍ରତି ମମତା ନାହିଁ। ଜନ୍ମଭୂମି ପ୍ରତି ଆନୁଗତ୍ୟ ନୁହନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ମା' ପେଟରେ ଛୁରୀ ଚଳେଇବାକୁ ସେମାନେ କୁଣ୍ଠିତ ନୁହନ୍ତି। ଫଳରେ ରାଜଠାକୋରଙ୍କ ପରି ବିଚ୍ଛିନ୍ନ ବାଦ ନେତାଙ୍କ ଉଦ୍ଭବ ଘଟୁଛି। ମୁମ୍ବାଇ ଫର୍ ମରାଠୀ ଶବ୍ଦରେ ହିନ୍ଦୁସ୍ତାନ ସ୍ତବ୍ଧ ହୋଇଯାଇଛି। ତେଣୁ ଏ ପ୍ରକାର ଅବ୍ୟବସ୍ଥା ରୁ ରକ୍ଷା ପାଇବାକୁ ହେଲେ ମାତୃଭାଷାରେ ଶିକ୍ଷାଦାନ ନିତ୍ୟାନ୍ତ ଜରୁରୀ।

ମଣିଷ ନିଜ ସ୍ୱାଭିମାନକୁ ନେଇ ବଂଚେ। ମାତୃଭାଷା ଆମ ମନର ସେହି ସ୍ୱାଭିମାନ ସୃଷ୍ଟି କରେ। ଏହାକୁ ଉଜ୍ଜୀବିତ କରିବା ଏକାନ୍ତ କାମ୍ୟ।

ଲେଖିବା ଓଡ଼ିଆ ପଢିବା
ଓଡ଼ିଆ କହିବା ଓଡ଼ିଆ କଥା
ବିଶ୍ୱଦରବାରରେ ଉନ୍ନତ କରି ଚାଲିବ
ନିଜର ମଥା।

*ସମ୍ପାଦକ - ଶ୍ୟାମଳ ସୁବର୍ଣ୍ଣ ,*
*ବାସୁଦେବପୁର, ଭଦ୍ରକ*
*ମୋ - ୯୪୩୮୪୬୭୦୭୯*

# ନବ ଉତ୍କଳ ଗଠନର ବିନ୍ଧାଣି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ


ପ୍ରଦୀପ୍ତ କୁମାର ଜେନା

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧୮୯୨ ମସିହା ଅପ୍ରେଲ ମାସ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜପରିବାରରେ ପିତା ଗୌରଚରଣ ଗଜପତି ନାରାୟଣ ଦେବ ଓ ମାତା ରାଧାମଣୀ ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତା ପାରଳାଖେମୁଣ୍ଡି ଇଷ୍ଟେଟର ଜମିଦାର ଥିଲେ । ଏହି ସମୟରେ ଓଡିଶା ଇଂରେଜମାନଙ୍କ ଶାସନାଧୀନ ଥିଲା । ଗଜପତି ଗଙ୍ଗ ବଂଶର ଉତ୍ତରାଧିକାର ଥିଲେ ଗଜପତି କୃଷ୍ଣଚନ୍ଦ୍ର ଦେବ । ବାଲ୍ୟଗୁରୁ ଶ୍ୟାମାସୁନ୍ଦର ରାଜଗୁରୁଙ୍କ ନିକଟରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିସାରିବା ପରେ ତାଙ୍କ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ମହାରାଜ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଧ୍ୟୟନ କରିଥିଲେ । ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସମାପ୍ତ ପରେ ମାଡ୍ରାସ ଭରଙ୍ଗସଭକ୍ସକ୍ଟଭ ମକ୍ଟକ୍ଷକ୍ଷରଶରରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଦକ୍ଷିଣ ଓଡ଼ିଶାରେ ଗଜପତି ପ୍ରଥମ ସ୍ନାତକ ଡିଗ୍ରୀଧାରୀ ବ୍ୟକ୍ତି ଭାବରେ ଇତିହାସ ରଚିଥିଲେ । ତାଙ୍କର ପିତାଙ୍କ ଅକାଳ ବିୟୋଗ ହେବା ଫଳରେ ସେ କଲେଜ ଶିକ୍ଷା ସମାପ୍ତ କରି ପାରଳାଖେମୁଣ୍ଡି ଫେରିଆସିଥିଲେ ଓ ବାପାଙ୍କ ଜମିଦାରୀର ଦାୟିତ୍ୱ ୧୯୧୩ ମସିହା ଅପ୍ରେଲ୍ ମାସ ୨୬ ତାରିଖରେ ନେଇଥିଲେ । ପାରଳାଖେମୁଣ୍ଡି ଇଷ୍ଟେଟ୍ ସେହି ସମୟରେ ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ରହିଥିଲା । ଓଡିଶା, ବିହାର ଓ ୱେଷ୍ଟବେଙ୍ଗଲ ଏକତ୍ର ବେଙ୍ଗଲ ପ୍ରେସିଡେନ୍‌ସି ଅଧୀନରେ ଥିଲା । କିଛି ଓଡ଼ିଆ ଭାଷାଭାଷୀ ଅ ଳ ମାଡ୍ରାସ ପ୍ରେସିଡେନ୍‌ସି, କିଛି ଅ ଳ ବେଙ୍ଗଲ ପ୍ରେସିଡେନ୍‌ସି ଓ କିଛି ଅ ଳ ସେଣ୍ଟ୍ରାଲ୍ କ୍ଟକ୍ସକ୍ଟଙ୍ଖସଭମର ଅଧୀନରେ ରହିଥିଲା । ୧୯୧୨ ମସିହାରେ ଓଡିଶା ଓ ବିହାର ବେଙ୍ଗଲ ପ୍ରେସିଡେନ୍‌ସି ଅଧୀନରୁ ଅଲଗା ହୋଇ ଓଡିଶା ଓ ବିହାର ଏକତ୍ର ରହିଲା । ଓଡ଼ିଆ ଭାସଭାଷୀ ଅ ଳ କିଛି ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ଥିବାରୁ ସେମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ମାଡ୍ରାସ ଯିବାକୁ ପଡୁଥିଲା । ସେଠାରେ ସରକାରୀ ଭାଷା ଇଂରାଜୀ ଓ ତେଲଗୁ ହୋଇଥିବାରୁ ଓଡ଼ିଆମାନଙ୍କୁ ଭାଷାଗତ ସମସ୍ୟା ଦେଖା ଦେଉଥିଲା । ଠିକ ସେହିଭଳି ସରକାରୀ କାର୍ଯ୍ୟ ପାଇଁ ଓଡ଼ିଶାର ଲୋକମାନଙ୍କୁ ବିହାର ଯିବାକୁ ପଡୁଥିଲା । ସେଠାରେ ହିନ୍ଦୀ ଓ ଇରାଜୀ ସରକାରୀ ଭାଷା ଥିବାରୁ ଓଡ଼ିଆ ଲୋକମାନେ ଭାଷାଗତ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଓଡିଶା ଲୋକ ମାନଙ୍କ ସମସ୍ୟାର ସମାଧାନ ପାଇଁ ଓ ଓଡ଼ିଆ ଭାଷାଭାଷୀ ଅ ଳ ଗୁଡିକୁ ଏକତ୍ରିକାରଣ କରି ଏକ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗୌରୀଶଙ୍କର ରାୟ, ଶଶୀଭୂଷଣ ରଥ ବିଶେଷ କରି ଅନେକ ରାଜ ପରିବାରର ସଦସ୍ୟ ଯଥା– କନିକା ରାଜା, ମୟୁରଭଞ୍ଜ ରାଜା, କେନ୍ଦୁଝର ରାଜା, ବାମଣ୍ଡାର ରାଜା ମାନେ, ବୁଦ୍ଧିଜୀବୀ, ସମାଜସେବୀ, ସାହିତ୍ୟିକ, ଜାତୀୟତାବାଦୀ ନେତାମାନେ ଅଣ୍ଟା ଭିଡି ବାହାରକୁ ବାହାରିପଡିଥିଲେ । ଉତ୍କଳ ସମ୍ମିଳନୀ ନାମରେ ଏକ ସଂଗଠନ ମଧୁବାବୁଙ୍କ ନେତୃତ୍ୱରେ ୧୯୦୩ ମସିହାରେ ଗଠନ କରି କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଇଂରେଜ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରାଯାଇଥିଲା । ଏହି ସନ୍ଧିକ୍ଷଣରେ କୃଷ୍ଣଚନ୍ଦ୍ର ଗଜପତି ଦେବ ନିଜ ଇଷ୍ଟେଟର ଦାୟିତ୍ୱ ବହନ କରିସାରିବା ପରେ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସଂସ୍କୃତି, କୃଷି, ଗମନାଗମନ ଓ ଏପରିକି ଓଡିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଭାବରେ ଗଠନ ପାଇଁ ଆଗେଇଆସିଥିଲେ । ମଧୁସୂଦନ ଦାସ ଯେଉଁ କାର୍ଯ୍ୟକୁ ଆରମ୍ଭ କରିଥିଲେ ସେ ସେଥିରେ ନିଜକୁ ସାମିଲ କରିବା ସହିତ ଓଡ଼ିଶାର ସମୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ମନୋନିବେଶ କରିଥିଲେ । ତାଙ୍କ ଉଦ୍ୟମରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା । ଶିକ୍ଷାର ପ୍ରସାର ପାଇଁ ଏପରିକି ନାରୀ ଶିକ୍ଷାର ପ୍ରସାର ପାଇଁ ସେ ଅନେକ ଗୁଡ଼ିଏ ପ୍ରାଥମିକ ବିଦ୍ୟାଳୟ, ସଂସ୍କୃତ ଟୋଲ, ବିଦ୍ୟାଳୟ ଓ କଲେଜ ଆଦି ସ୍ଥାପନ କରିଥିଲେ । ତାଙ୍କର ସହଯୋଗରେ ଉତ୍କଳ ୟୁନିଭରସିଟି, ବ୍ରହ୍ମପୁର ୟୁନିଭରସିଟି ସ୍ଥାପନ ହୋଇଥିଲା । ଶିକ୍ଷାନୁଷ୍ଠାନର ପରିଚାଳନା ପାଇଁ ସେ ଅର୍ଥ ସାହାଯ୍ୟ କରୁଥିଲେ । ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟକୁ ସେ ସେହି ସମୟରେ ୫୦୦ ଟଙ୍କା ଦାନ ଦେଇଥିଲେ । ସେ ସମୟରେ ୫୦୦ ଟଙ୍କା ବହୁତ କିଛି ବୋଲି ଧରାଯିବ । ଉତ୍କଳ ସାହିତ୍ୟ ସମାଜକୁ ସେ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ । ସେଇଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ । ଏସ୍.ସି.ବି. ମେଡିକାଲ କଲେଜ, ବରହମ୍‌ପୁର ଏମ୍.କେ.ସି.ଜି. କଲେଜ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । କୃଷିର ଉନ୍ନତି ପାଇଁ ସେ ମଧ୍ୟ ଚିନ୍ତିତ ଥିଲେ । ତାଙ୍କ ଇଷ୍ଟେଟରେ ଅନେକ କଜଳସେଚନ ପ୍ରକଳ୍ପ ହାତକୁ ନେଇଥିଲେ ଓ ତାଙ୍କ ଉଦ୍ୟମରେ କଟକରେ ଧାନ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିଲା, ଯାହାକି ଆଜି ଏସିଆ ମହାଦେଶର ସର୍ବବୃହତ ଧାନ ଗବେଷଣା କେନ୍ଦ୍ର ଭାବେ ପରିଗଣିତ । ସାହିତ୍ୟ, ସଂସ୍କୃତି ଓ କଳାର ପ୍ରସାର ପାଇଁ ସେ ଅନେକ ସାହିତ୍ୟିକ, ଗବେଷକ ଓ କଳାକାରମାନଙ୍କୁ ଯଥା– ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଆପାର୍ଣ୍ଣ ପାଣିଗ୍ରାହୀ ଭଳି ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା ସହିତ ଆର୍ଥିକ ଅନୁଦାନ ଦେଉଥିଲେ । ଓଡ଼ିଶାରେ ଶିକ୍ଷୟନର ପ୍ରସାର ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଉତ୍କଳ ୟୁନିଭରସିଟି ଏବଂ ବରହମ୍ପୁର ୟୁନିଭରସିଟି ତରଫରୁ ଅନରାରୀ ଡକ୍ଟରେଟ୍ ଉପାଧି ପାଇଥିଲେ । ଗଜପତି ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜଣେ ପାଇଲଟ୍ ଭାବରେ ବ୍ରିଟିଶ ମାନଙ୍କ ପକ୍ଷରୁ ଯୁଦ୍ଧ କରି ତତ୍କାଳିନ ଭାଇସିରାୟ ଆଣ୍ଡ ଗର୍ଭଣ୍ଡର ଜେନେରାଲ ଇଣ୍ଡିଆଙ୍କ ନିକଟରୁ ୧୯୨୦ ମସିହାରେ ଏକା ସନନ୍ଦ ପ୍ରାପ୍ତ ହୋଇଥିଲେ । ସେ ଓଡ଼ିଶାର ରାଜ ପରିବାରରେ ଜନ୍ମ ହୋଇଥିଲେ ବି ଅନ୍ୟ ରାଜାମାନଙ୍କ ପରି ଅହଙ୍କାରୀ, ଅତ୍ୟାଚାରୀ ନଥିଲେ କି ରାଜକୀୟ ବିଳାସ୍ୟ ବ୍ୟସନରେ ବୁଡି ରହୁ ନଥିଲେ । ସେ ଓଡିଶା ଓ ଓଡ଼ିଶାର ଜନସାଧାରଙ୍କ ପ୍ରଗତି ତଥା ଉନ୍ନତି ନିମନ୍ତେ ନିଜକୁ ସମର୍ପଣ କରିଦେଇଥିଲେ । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ତାଙ୍କର ଥିଲା ବଳିଷ୍ଠ ଭୂମିକା । ସେ ମଧୁବାବୁଙ୍କର ଥିଲେ ଜଣେ ଏକାନ୍ତ ସହଯୋଗୀ ଓ ମଧୁବାବୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଗଞ୍ଜାମରେ ୧୯୧୪ ମସିହାରେ ଅନୁଷ୍ଠିତ ହୋଇଥିଲା । ଓଡିଶାକୁ ଏକ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଗଠନ କରିବାକୁ ସେ ୧୬ ନଭେମ୍ବର ୧୯୩୦ ମସିହାରେ ପ୍ରଥମ ଗୋଲଟେବୁଲ୍ ବୈଠକ, ଲଣ୍ଡନରେ ଯୋଗ ଦେଇ ଇଂରାଜୀରେ ଏକା ସରଗର୍ଭକ ବକ୍ତବ୍ୟ ରଖି ନିଜର ଯୁକ୍ତିକୁ ଦୃଢ଼ ଭାବରେ ବ୍ୟକ୍ତ କରିଥିଲେ । ଜଣେ ସଫଳ ରାଜନେତା ଭାବେ ସେ ଓଡ଼ିଶାରେ ପରିଚିତ । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡିଶା ଏକ ସ୍ୱତନ୍ତ ଭାଷା ଭିତ୍ତିକ ପ୍ରଦେଶ ଭାବରେ ଘୋଷିତ ହୋଇଥିଲା ଓ ବିହାରଠାରୁ ଅଲଗା ହୋଇଗଲା ପ୍ରଥମେ ଛଅଗୋଟି ଜିଲ୍ଲା ଯଥା–କଟକ, ବାଲେଶ୍ୱର, ଗଞ୍ଜାମ, ପୁରୀ, ସମ୍ବଲପୁର ଓ କୋରପୁଟକୁ ନେଇ ପ୍ରଦେଶ ଗଠନ କରାଗଲା । ଗଞ୍ଜାମ ଓ ଭାଇଜାକ୍‌ପାଟମ୍ ଜିଲ୍ଲାର କେତକ ଅ ଳ ଯେକି ପାରଳାଖେମୁଣ୍ଡି ଇଷ୍ଟେଟ ଓ ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ଥିଲା, ସେଥିରୁ ଅଲଗା ହୋଇ ଗଞ୍ଜାମ ଜିଲ୍ଲା ସୃଷ୍ଟି ହେଲା । ମୁଖ୍ୟତଃ ଏହି ଦୁଇଟି ଜିଲ୍ଲାର ତେଲଗୁ ଭାଷାଭାଷୀ ଅ ଳ ଗୁଡ଼ିକ ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ରହିଲା । ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେବାପରେ ନିର୍ବାଚନ କରାଗଲା । ଯେଉଁଥିରେ ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଅଧିକାଂଶ ଆସନରେ ଜୟଯୁକ୍ତ ହେଲେ । କଂଗ୍ରେସ ସରକାର ଗଠନରେ ସାମିଲ ହେବାକୁ ମନ କରିବାରୁ ତତ୍କାଳୀନ ଗଭର୍ଣ୍ଣର ନେରସାର ଔକ୍ଟକ୍ଷଭ ଇଙ୍କକ୍ସକ୍ସସଭ କ୍ଷବଭଙ୍କମଳ ଗଜପତି କୃଷ୍ଣଚନ୍ଦ୍ର ଦେବାଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କଲେ ଓ ଗଜପତିଙ୍କ ନେତୃତ୍ୱରେ ସରକାର ଗଠନ ହେଲା । ଗଜପତି ସ୍ୱତନ୍ତ ଉତ୍କଳର ପ୍ରଥମ ପ୍ରଧାମନମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ । ଗଜପତି ଏପ୍ରିଲ ୧୯୩୭ ରୁ ୧୮ ଜୁଲାଇ ପର୍ଯ୍ୟନ୍ତ ଶାସନ କଲେ । ପୁନର୍ବାର କଂଗ୍ରେସ ତା'ର ନିଷ୍ପତି ବଦଳାଇବାରୁ କଂଗ୍ରେସକୁ ସରକାର ଗଠନ କରିବାର ସୁଯୋଗ ଦିଆଗଲା । ଫଳରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଜୁଲାଇ ୧୯୩୭ ରେ ମନ୍ତ୍ରୀ ମଣ୍ଡଳ ଶପଥ ନେଲା ଓ ଗଜପତି ସେହି କାର୍ଯ୍ୟରୁ ଅବ୍ୟାହତି ନେଲେ । କଂଗ୍ରେସର ନିଷ୍ପତି ଅନୁଯାୟୀ ବିଶ୍ୱନାଥ ଦାଶ ସରକାରରୁ ଓହରି ଯିବ ଫଳରେ ପୁନର୍ବାର ଦ୍ୱିତୀୟ ଥର ପାଇଁ ଗଜପତି ୨୪ ନଭେମ୍ବର ୧୯୪୧ ଠାରୁ ୧୯୪୪ ଜୁନ୍ ୩୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପଦରେ ଅଳଙ୍କୃତ ହୋଇଥିଲେ । ଏହାପୂର୍ବରୁ ସେ ମାଡ୍ରାସ ଲେଜିସ୍‌ଲେଟିଭ୍ କାଉନସିଲରେ ଜଣେ ସଭ୍ୟ ଥିଲେ । ଏହା ବ୍ୟତୀତ ସେ ଜକ୍ଟଙ୍କବକ୍ଷ ଉକ୍ଟଙ୍କଙ୍କସକ୍ସକ୍ସସକ୍ଟଭ କ୍ଟଭ ଇଶକ୍ସସମଙ୍କକ୍ଷକ୍ସଙ୍କକ୍ସର ଯେକି କ୍ଷକ୍ଟକ୍ସୟ କ୍ଷସଭକ୍ଷସକ୍ସକ୍ଷଶକ୍ଟଙ୍ଗଙ୍କ ସଭାପତିତ୍ୱରେ ଗଠନ କରାଯାଇଥିଲା ସେଥିରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଗଜପତି କୃଷ୍ଣଚନ୍ଦ୍ର ଦେବ ଜଣେ ବହୁମୁଖୀ ପ୍ରତିଭାରା ଅଧିକାରୀ ଥିଲେ । ସେ ଏକାଧାରରେ ଜଣେ ପ୍ରଜାବତ୍ସଳ ସୁଶାସକ ରାଜା, ଦେଶପ୍ରେମୀ ସମାଜସେବୀ, ଭାଷା ଓ ସଂସ୍କୃତିକଳା ପ୍ରେମୀ, ଚରିତ୍ରବାନ, ସ୍ୱାଭିମାନୀ ଓ ସଫଳ ରାଜନେତା ଥିଲେ । ତାଙ୍କ ନିରନ୍ତର ଓ ସଫଳ ଚେଷ୍ଟା ଫଳରେ ଖାଲି ପାରଳାଖେମୁଣ୍ଡି କାହିଁକି ଓଡିଶା ଶିକ୍ଷା, କୃଷି, ଗମନାଗମନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଭୁତପୂର୍ବ ଉନ୍ନତି ସାଧିତ ହୋଇଥିଲା । ସେ ଯୁବକ ଅବସ୍ଥାରେ ନିଜର ପତ୍ନୀଙ୍କୁ ହରାଇଥିଲେ ମଧ୍ୟ ଦ୍ୱିତୀୟ ବିବାହ କରିନଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱକୁ ବ୍ରିଟିଶ ସରକାର ଭୂୟସୀ ପ୍ରଶଂସା କରି ତାଙ୍କୁ ମହାରାଜ ଉପାଧିରେ ଭୂଷିତ କରିଥିଲେ । ଓଡିଶା ସରକାର ଗଜପତିଙ୍କ ସମ୍ମାନାର୍ଥେ ତାଙ୍କ ନାମରେ ଗଜପତି ଜିଲ୍ଲାର ନାମକାରଣ କରିଛନ୍ତି । ବାସ୍ତବରେ ସେ ଥିଲେ ନବ ଉତ୍କଳର ବିନ୍ଧାଣି । ଓଡ଼ିଶାର ପ୍ରଗତି, ସମୃଦ୍ଧି ଏପରିକି ଓଡିଶାକୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ସେ ଥିଲେ ଏକ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଓ ଅବିସ୍ମରଣୀୟ ପ୍ରତିଭା । ୮୨ ବର୍ଷରେ ୧୯୭୪ ମଇ ମାସ ୨୫ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ମୃତ୍ୟୁ ଆମ ଦେଶ ଓ ଜାତି ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ତ୍ୟାଗ, ତପସ୍ୟା ଓ ବଳିଦାନ ସବୁଦିନ ପାଇଁ ଓଡ଼ିଶା ଜନସାଧାରଣଙ୍କ ମାନସପଟ୍ଟରେ ରେଖାଙ୍କିତ ହୋଇ ରହିବ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*ମୋ : ୮୨୪୯୨୮୧୫୬୭*

# କର୍ମଯୋଗୀ ବାମଦେବ ମହାପାତ୍ର :ଏକ ବିରଳ ବ୍ୟକ୍ତିତ୍ୱ

**ରମାକାନ୍ତ ମହାପାତ୍ର**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶାଶ୍ୱତବାଣୀ 'ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ, କର୍ମେ ଯିଏ ନର, କର୍ମ ଏକା ତାର, ଜୀବନର ମାନଦଣ୍ଡ' । ଏହି ମହତ୍ ବାଣୀକୁ ପାଥେୟ କରି ଜନସେବାକୁ ତପସ୍ୟା ଭାବରେ ଗ୍ରହଣ କରି ଲୋକମାନଙ୍କ ପାଇଁ ମହତ କାର୍ଯ୍ୟ କରିଚାଲିଥିଲେ କର୍ମଯୋଗୀ ବାମଦେବ ମହାପାତ୍ର ଏପ ସ୍ରୋତସ୍ୱିନୀ ଝରଣା ପରି। ସିଏ ଥିଲେ ଜଣେ ଶାନ୍ତି, ସରଳ, ଧାର୍ମିକ, ଭଦ୍ର, ଅହଂକାର ଶୂନ୍ୟ ବିରଳ ବ୍ୟକ୍ତିତ୍ୱର ଅଧିକାରୀ। ଦୀପର ସଳିତା ନିଜେ ଜଳି ଅନ୍ୟ ମାନଙ୍କୁ ଆଲୋକ ପ୍ରଦର୍ଶନ କରିବା ଭଳି କଷ୍ଟ ଓ ଦାରିଦ୍ର୍ୟକୁ ଭ୍ରୂକ୍ଷେପ ନକରି ଜନସାଧାରଣଙ୍କ ପାଇଁ ଅନେକ ମହତ କାର୍ଯ୍ୟ ସଂପାଦନ କରି ସେ ଜନମାନସରେ ସଦା ସ୍ମରଣୀୟ ହୋଇଯାଇଛନ୍ତି। ନିରଳସ ଭାବରେ ନିଷ୍କାମ ଜନସେବା ପାଇଁ ଝୁରୁଥିବା ମଣିଷ ଶରୀରଧାରୀ ସେହି ପ୍ରଜ୍ଞା ପୁରୁଷଙ୍କର ଜନ୍ମ ସନ ୧୯୨୩ ମସିହା ଜଗତସିଂହପୁର ଜିଲ୍ଲାର ବଡ଼ପାଳ ଗ୍ରାମରେ। ବାଲ୍ୟ ଶିକ୍ଷା ଶେଷ କରି ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ମାତ୍ର ପରେ ପିତାଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟ ପରିଦର୍ଶକ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମହାମାରୀ ହଇଜା ସମୟରେ ଜଣେ ଦେବଦୂତ ଭାବରେ ଅନେକ ରୋଗୀଙ୍କ ରୋଗଜନିତ ଯନ୍ତ୍ରଣାକୁ ଲାଘବ କରି ସେମାନଙ୍କୁ ପୁନର୍ଜନ୍ମ ଦେଇଥିଲେ। ଚାକିରି ସମୟରେ ମାର୍ଶାଘାଇ ଠାରେ ସେ ପ୍ରତିଷ୍ଠା କରିଥିଲେ ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ। ସରକାରୀ ଚାକିରି ତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ଚାକିରି ଛାଡ଼ି ଜନସେବାକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ। ତାଙ୍କରି ଉଦ୍ୟମରେ ତାହାମାଠାରେ ଶାରଳା ମହାବିଦ୍ୟାଳୟ, ପଙ୍କପାଳ ଠାରେ କମଳା ଦେବୀ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ପଙ୍କପାଳ ଉଚ୍ଚବିଦ୍ୟାଳୟ ଓ ଅଗପାଳ ନିମ୍ନ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଂପାଦକ ଭାବେ କାର୍ଯ୍ୟ କରି ଅନୁଷ୍ଠାନ ଦୁଇଟିର ଆଶାତୀତ ଉନ୍ନତି କରିପାରିଥିଲେ। କେବଳ ଜନସେବା ନୁହେଁ କୃଷିକୁ ପ୍ରାଧାନ୍ୟ ଦେଇ ଜଣେ ସଫଳ ଚାଷୀ ଭାବରେ ବହୁବାର ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ସେଥିଲେ ମଧ୍ୟ ଜଣେ ସାରସ୍ୱତ ସାଧକ। ଶେଷ ଜୀବନ ପର୍ଯ୍ୟନ୍ତ ସେ ଶ୍ରୀମଦ ବାୟାବାବାଙ୍କ ଶ୍ରୀ ଚରଣରେ ନିଜକୁ ସମର୍ପି ଦେଇଥିଲେ। ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ବାଣୀରେ ଉଲ୍ଲେଖ କରିଛନ୍ତି – 'ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ'। ଗୀତାରେ ଭଗବାନ କହିଛନ୍ତି 'ଯେ କାହାକୁ ପୀଡ଼ା ନଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଷାଦଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ ସେ ମୋର ପ୍ରିୟ ଅଟେ।' ଏହି କର୍ମଯୋଗୀଙ୍କ ପାର୍ଥିବ ଶରୀର ମିଶିଯାଇଛି ବ୍ରହ୍ମସତ୍ତାରେ। ଆଲୋକ ଭଳି ଉଜ୍ଜ୍ୱଳତାର ପରିପୂର୍ଣ୍ଣ ଥିଲା ତାଙ୍କ ଜୀବନ। ସେ ଥିଲେ ଜଣେ ଋଷି ପ୍ରତିମ ବ୍ୟକ୍ତିତ୍ୱ। ତାଙ୍କ ପରି ଜଣେ ସରଳ ନିଷ୍ପାପର ବ୍ୟକ୍ତି ଛାଡ଼ିଯାଇଥିବା ନିଜର ପ୍ରଜ୍ଞା, ପାରଦର୍ଶିତା ଓ ନିଷ୍ପାପର ଜନସେବାର ଅଲିଭା ଆଲେଖ୍ୟ ତାଙ୍କ ମୃତ୍ୟୁରେ ମଧ୍ୟ ତାଙ୍କୁ ଜନମାନସରେ ସଦାସର୍ବଦା ଉଜ୍ଜିବୀତ କରି ରଖିପାରିଛି। ତାଙ୍କର ମହନୀୟ, କମନୀୟ ପ୍ରତିଟି କାର୍ଯ୍ୟ ଆଜି ସମସ୍ତଙ୍କ ପାଇଁ ଅନୁଗ୍ରହଣୀୟ ହୋଇ ପାରିଛି। ତାଙ୍କର ସମର୍ପିତ ଜନସେବା ଓ ମହତ୍ କର୍ମ ତାଙ୍କ ଜୀବନକୁ ସାର୍ଥକ କରିପାରିଛି। ସେହି ମହାନ କର୍ମଯୋଗୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଅନନ୍ତ କୋଟି ପ୍ରଣାମ।

*ଉପସଭାପତି, ନୀଳଚକ୍ର,*
*ପିଠାପୁର, କଟକ,*
*ଦୂରଭାଷ : ୮୮୯୫୬୫୯୮୪୦*

# ଉତ୍କଳ ଦିବସର ଅନୁଚିନ୍ତା


ଉମାଶଙ୍କର ପ୍ରସାଦ

ଆଜି ପବିତ୍ର ଉତ୍କଳ ଦିବସ । ପ୍ରତ୍ୟେକ ଓଡ଼ିଆମାନଙ୍କର ଏହି ଦିନଟି ଏକ ଗର୍ବ ଓ ଗୌରବର ଦିନ। ଆଜକୁ ୭୭ ବର୍ଷ ତଳେ ଅର୍ଥାତ୍, ୧୯୩୬ ମସିହା ଏପ୍ରିଲ ପହିଲା ଦିନଟିକୁ ଯେଉଁ ଇଂରେଜ ଶାସକମାନେ ଏପ୍ରିଲ ଫୁଲ୍ (ଇକ୍ଟକ୍ସସକ୍ଷ ରକ୍ଟକ୍ଟକ୍ଷ)ବୋକା ଦିବସ ଭାବେ ପାଳି ସମସ୍ତଙ୍କୁ ବୋକା କରୁଥିଲେ, ଠିକ୍ ସେହି ଏପ୍ରିଲ ପହିଲା ଦିନ ଗୋରା ଶାସକମାନଙ୍କୁ ବୋକା ବନେଇ ଓଡ଼ିଆମାନେ ଏଭଳି ଉତ୍କଳ ଦିବସ ପାଳନ କଲେ ଯାହା ଫଳରେ ଦୀର୍ଘ ଦିନ ଧରି ଓଡ଼ିଶାକୁ ଶାସନ କରୁଥିବା ଇଂରେଜମାନେ ନିଜେ ନିଜେ ବୋକା (ରକ୍ଟକ୍ଟକ୍ଷ) ହୋଇଯାଇଥିଲେ ଏବଂ ସାରା ଭାରତରେ ଓଡ଼ିଶା ସର୍ବପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେଲା । ଏହି ସଫଳତା ପଛରେ ଯେଉଁ ମହାମନିଷୀମାନଙ୍କର ପ୍ରଚ୍ଛନ୍ନ ହାତ ଥିଲା ଏବଂ ଯେଉଁମାନେ ଦେଶମାତୃକାର ପରିଚୟ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ଚିର ସ୍ମରଣୀୟ ମଧୁସୂଦନ ଦାସ, ପାରଳାଖେମଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଦେବ, ଖଲିକୋଟ ରାଜା ହରିହର ମର୍ଦ୍ଦରାଜ, ନୀଳକଣ୍ଠ ଦାସ, ଗୋପବନ୍ଧୁ ଦାସ ଏବଂ ଅନ୍ୟାନ୍ୟ ବହୁ କୃତବିଦ୍ୟ ଯାହାଙ୍କ ଆପ୍ରାଣ ଉଦ୍ୟମ ଯୋଗୁଁ ୧୯୩୬ମସିହା ଏପ୍ରିଲ୍ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ଦିବସ ପାଳନ କରାଯାଇଥିଲା ।

ଓଡ଼ିଶାର ସ୍ୱାଧୀନ ରାଜା ତେଲେଙ୍ଗା ମୁକୁନ୍ଦଦେବ ଗୋହିରା ଟିକିରି ଯୁଦ୍ଧରେ ପରାସ୍ତ ହେଲେ ଏବଂ ସେହିଦିନ ଓଡ଼ିଶାର ସ୍ୱାଧୀନ ସୂର୍ଯ୍ୟ ଅସ୍ତମିତ ହୋଇଯାଇଥିଲା । ଓଡ଼ିଆମାନେ ସୁଦୀର୍ଘ ୨୯୦ ବର୍ଷ ପରାଧିନବେଡ଼ିରେ ଆବଦ୍ଧ ହେଲେ । ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଶାସିତ ହେଲା ଏବଂ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଖଣ୍ଡବିଖଣ୍ଡିତ ହୋଇ ନିଜସ୍ୱ ସ୍ୱତ୍ତା ଓ ଅଖଣ୍ଡତା ହରାଇ ବସିଲା ଓଡ଼ିଶାର ବିଶାଳ ଭୂଖଣ୍ଡ । ୧୫୬୮ରୁ ୧୯୩୬ ଅର୍ଥାତ ୩୬୮ ବର୍ଷ ପରେ ସୁଦୀର୍ଘ ସୂର୍ଯ୍ୟତୃଷ୍ଣା ଏବଂ ସଂଘର୍ଷମୟ କ୍ରାନ୍ତୀର ଉତ୍ତୀର୍ଣ୍ଣ ଉଚ୍ଛାସରୁ ୧୯୩୬ ଏପ୍ରିଲ ପହିଲାରେ ୬ଟି ଜିଲାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦେଶନାମା ପ୍ରକାଶ ପାଇଲା । ଉତ୍କଳର ଏହି ଦୁର୍ଦ୍ଦିନ ସମୟରେ ଉତ୍କଳୀୟ ସ୍ୱଦେଶାନୁରାଗୀ ଚେତନାକୁ ଉତ୍କଳୀୟଙ୍କ ହୃଦୟରେ ଯେଉଁ ସାରସ୍ୱତ ସାଧକ ଓ ବାଗ୍ମୀ ବରପୁତ୍ରମାନେ ନିଜର ମସୀ ଚାଳନା ତଥା ଆପଣାର କବିତ୍ୱମୟ ପ୍ରାଣର ସ୍ୱତଃସ୍ଫୁର୍ତ୍ତ ଭାଷାରେ ଅଭିମନ୍ତ୍ରିତ କରି ଓଡ଼ିଶାର ଜନଚେତନାକୁ ପ୍ରେରଣା ଓ ଉଦ୍ଦୀପନାରେ ଅନୁପ୍ରାଣିତ କରିବାରେ ଅନୁବନ୍ଧିତ ଥିଲେ ଆଜି ପବିତ୍ର ଉତ୍କଳ ଦିବସରେ ସେହି ଉତ୍ତର ଦାୟାଦମାନେ ଆମ ସମସ୍ତଙ୍କ ଚିରନମସ୍ୟ । ଆସନ୍ତୁ ଏହି ମହାନ ଦିବସର ମହାର୍ଘ ଅବସରରେ ସଶ୍ରଦ୍ଧ ସ୍ମୃତିତର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରିବା । ସେମାନଙ୍କ ବିଷୟରେ କହିବସିଲେ ତ ପୋଥିଏ ହେବ । ମାତ୍ର କିଛି ସାରସ୍ୱତ ସାଧକଙ୍କ ବିଷୟରେ ନ କହିଲେ ମଧ୍ୟ ମନଟା ବୁଝିବନି । ୧୮୦୩ ମସିହାରେ ଇଂରେଜ ଓଡ଼ିଶା ଦଖଲ କରିଥିଲେ, ଠିକ୍ ଏହାର ୧୦୦ ବର୍ଷ ପରେ ଅର୍ଥାତ ୧୯୦୩ ମସିହାରେ ପାରଳାର ମହାରାଜଙ୍କ ଚେଷ୍ଟାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଚେଷ୍ଟା କରାଯାଇଥିଲା ଏବଂ ୧୯୩୧ ମସିହା ଲଂଣ୍ଡନର ଗୋଲ୍ ଟେବୁଲ୍ ବୈଠକରେ ପାରଳାମହାରାଜାଙ୍କର କଲମ୍ ତୋଡ଼ ଯୁକ୍ତି ବଳରେ ଇଂରେଜ ସରକାର ହତବାକ୍ ହୋଇ ପଡ଼ିଥିଲେ ଏବଂ ୧୯୩୨ ଡିସେମ୍ବର ୨୪ ତାରିଖ ସାମୁଏଲ୍ ହୋର୍ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟବୋଲି ବିଧିବଦ୍ଧ ଘୋଷଣା କଲେ ଏବଂ ୧୯୩୫ ମସିହା ଭାରତ ଶାସନ ଆଇନ୍ ବଳରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ହେଲା । ପାରଳାର ମହାରାଜା ଗଜପତି କୃଷ୍ଣଚନ୍ଦ୍ରଦେବ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ । ଦୁଃଖ ଓ ପରିତାପର ବିଷୟ ଆଉଜଣେ ଉତ୍ତର ଦାୟାଦ ମଧୁସୂଦନ ଦାସ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ସଫଳ ହେବାର ଦୁଇ ବର୍ଷ ପୂର୍ବରୁ ସେ ଇହଲୀଳା ସମ୍ବରଣ କରିଥିଲେ । ଯେଉଁ ଯୋଗଜନ୍ମା ମନିଷୀମାନଙ୍କ ଅସିମ ତ୍ୟାଗ ଓ ନୀରବଚ୍ଛିନ୍ନ ସାଧନା ବଳରେ ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ଆମେ ତଥା ଆମର ଆଗାମୀ ପିଢ଼ୀ ତାଙ୍କୁ ପାସୋରିଦେଲୁଣି । ବହୁ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଏମାନଙ୍କୁ ନାମକୁ ପାସୋରୀ ଦେଲେଣି । ଏହି ଯୋଗଜନ୍ମା ମହାପୁରୁଷମାନେ ଇତିମଧ୍ୟରେ ପୋଥିଭିତରେ ଲୁଚି ଗଲେଣି । ଉତ୍କଳ ଜନନୀ ଆଜି ଭାଷାହୀନା, ଇଂରେଜ ଚାଲିଗଲେ ଏପରି ଜାଦୁକରୀ ଜାଲରେ ସମସ୍ତଙ୍କୁ ବିମୋହିତ କରିଗଲେ, ଫଳରେ ଓଡ଼ିଆ ଭାଷା ଆଜି ନିଜର ସ୍ୱାତନ୍ତତା ହରାଇବାକୁ ବସିଲାଣି । ଛତୁ ଫୁଟିଲାଭଳି ଇଂରାଜୀ ମିଡିୟମ୍ ସ୍କୁଲ ଖୋଲିବାରେ ଲାଗିଛି । ବାପା, ବୋଉ, ମଉସା, ମାଉସୀ, କକା, ଖୁଡ଼ି ଆଜି ସାତ ସପନ । ବାପା ବୋଉ ଆଜି ଡାଡି, ମମିରେ ପରିଣତ ହେଲେଣି, ଆଉ ସବୁ ଯେତେ ରହିଲେ ମାମୁ, ମଉସା, ମାଉସୀ, ପିଇସି, ଖୁଡ଼ିଙ୍କୁ ଇଂରେଜ ସାହେବଙ୍କର ଗୋଟିଏ ଶବ୍ଦ ଅଙ୍କଲ୍, ଆଣ୍ଟି ଜାବୁଡ଼ି ଧରିଛି ।

ବିଗତ ୭୭ ବର୍ଷ ମଧ୍ୟରେ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ବିକାଶ କରିବା ପରିବର୍ତ୍ତେ କ୍ରମେ ସଙ୍କୁଚିତ ହେବାକୁ ବସିଲାଣି । ଓଡ଼ିଶାର ପ୍ରଶାସନିକ କ୍ଷେତ୍ରରେ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାର ପ୍ରଚଳନ ସଠିକ୍ ଭାବରେ ହୋଇପାରୁନି । ସରକାରଙ୍କର ଆନ୍ତରିକତାର ଘୋର ଅଭାବ ଯୋଗୁଁ ଏପରି ଘଟି ଚାଲିଛି । କଂଗ୍ରେସର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ପ୍ରଚଳନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ଅଦ୍ୟାବଧି ରାଜନୈତିକ ସ୍ଥିରତା, ପ୍ରୋତ୍ସାହନ ତଥା ମାନସିକ ପରିବର୍ତ୍ତନ ଯୋଗୁଁ ଏହା ଫଳପ୍ରଦ ହୋଇପାରିନାହିଁ । ଏହିପରିପ୍ରେକ୍ଷୀରେ ବ୍ୟାସକବିଙ୍କର ଗୋଟିଏ ପଂକ୍ତି ମନେ ପଡ଼ିଯାଏ ଯାହାକି ମାତୃଭାଷା ପାଇଁ ଉଦ୍ଦିଷ୍ଟ –

"ପଢ଼ିଲି ନାନା ଦେଶ ଭାଷା,
କାହିଁତ ନପୁରିଲା ଆଶା,
ହେଉ ପଛକେ ସେ ନିକୃଷ୍ଟ,
ମୋ ମାତୃଭାଷା ମୋତେ ଶ୍ରେଷ୍ଠ"

ଆଜି ଏ ପବିତ୍ର ଦିବସରେ ଫକୀରମୋହନଙ୍କର ଏ ଉକ୍ତି କାହିଁକି ମଳିନ ପଡ଼ିଥିବାର ଲାଗୁଛି । ବର୍ଣ୍ଣାଢ଼୍ୟ ସମାବେଶରେ ଉତ୍କଳ ଦିବସ ପାଳନର ଆୟୋଜନ ମାତ୍ର ଦୁଃଖ ଓ ପରିତାପର ବିଷୟ ମେଣ୍ଢାପଲ ଓଡ଼ିଆ ଦୀର୍ଘ ୧୨ ବର୍ଷରୁ ଅଧିକ ଶାସନରେ ଓଡ଼ିଶାର ପ୍ରତିଷ୍ଠିତ ସରକାରଙ୍କୁ ନିର୍ବାଚିତ କରି ଆଣୁଛନ୍ତି, ଯିଏକି ଓଡ଼ିଆ ଭାଷା ପ୍ରତି ଅବଜ୍ଞା ଓ ଅନିଚ୍ଛା ଭାବ ପ୍ରଦର୍ଶନ କରିଆସୁଛନ୍ତି । ଆଜି ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଲିଖିତ ଭାଷଣ ଦେବାକୁ ତିଳେମାତ୍ର ଲଜ୍ୟା ଓ ସଂକୁଚିତ ଭାବ ପ୍ରକାଶ କରୁନାହାନ୍ତି । ଏହାଠାରୁ ଆଉ ଦୁର୍ଭାଗ୍ୟଜନକ କଥା କ'ଣ ହୋଇପାରେ ? ଓଡ଼ିଶାର ସଂସ୍କୃତି ଯାହାଙ୍କ ଲେଖନୀମୁନରେ ପ୍ରସ୍ଫୁଟିତ ହୋଇଥିଲା, ସେହି ମହାନ୍ କବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କାଳିଚରଣ ପଟ୍ଟନାୟକ, ଗଙ୍ଗାଧର ମେହେରଙ୍କୁ ପ୍ରାୟତଃ ଲୋକେ ଭୁଲିଗଲେଣି । ଓଡ଼ିଶାର ଓଡ଼ିଶୀ ସଙ୍ଗିତ ଆଜି ପର୍ଯ୍ୟନ୍ତ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତାଠୁ ବହୁଦୂରରେ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ବନ୍ଦେ ଉତ୍କଳ ଜନନୀ ଏପର୍ଯ୍ୟନ୍ତ ଜାତୀୟ ସଙ୍ଗୀତ ଭାବରେ ମାନ୍ୟତା ପାଇନାହିଁ । ତଥାପି ଆମେ ଗର୍ବରେ ଫାଟି ପଡୁଛୁ ଏବଂ ଓଡ଼ିଆ ବୋଲି ନିଜକୁ ଗର୍ବ କରୁଛୁ ।

ପରିଶେଷରେ ଏତିକି କହିପାରେ ଏ ପବିତ୍ର ଦିବସ ଆମ ପାଇଁ ଆତ୍ମ ସମୀକ୍ଷାର ଦିବସ ହେଉ । ଆସନ୍ତୁ ଜାତି ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆମେ ବଜ୍ର ଶପଥ ନେବା ଉତ୍କଳ/ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟଭାବେ ଗଢ଼ି ତୋଳିବା ସହ ଆମ ଭାଷାକୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ସହ ମାତୃଭାଷାକୁ ଉଚ୍ଚ ଦରଜା ଦେବା । କାରଣ, କବିଙ୍କ ଭାଷାରେ –

"ମାତୃଭୂମି ମାତୃଭାଷାର ମମତା,
ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା,
ଅଜ୍ଞାନୀ ରହିବେ କାହିଁ ॥

ବର୍ତ୍ତମାନ ସମସ୍ତ ରାଜ୍ୟବାସୀ ଓଡ଼ିଶାର ଐତିହ୍ୟ କଳା, ସଂସ୍କୃତି, ସାହିତ୍ୟ ଓ ଭାଷାକୁ ସୁରକ୍ଷା କରିବା ପାଇଁ ଆଜିର ଦିନରେ ବଜ୍ର ଶପଥ ନେବା । ଏହା ହିଁ ହେବ ସ୍ୱର୍ଗୀୟ ଆତ୍ମାମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । କିମଧିକମ୍

*ଭଗତ୍ ଲେନ୍, ମେନ୍ ରୋଡ଼,*
*ଖୋର୍ଦ୍ଧା*




# ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା



ଆଜି ଉତ୍କଳ ଦିବସ। ଏକ ଜାତି, ରାଜ୍ୟ ସର୍ବୋପରି ଆମ ସମସ୍ତଙ୍କ ପାଇଁ ସ୍ୱାଭିମାନ, ଆତ୍ମ ସମ୍ମାନ, ଆତ୍ମ ମନ୍ଥନ, ଆତ୍ମ ଚିନ୍ତନର ଦିନଟି। ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିନେଟ୍ ଅଟଲୀ ମଧ୍ୟ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର




ଦେଇଥିଲେ। କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା। ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା। କୋର୍ଟ କଚେରୀଗୁଡ଼ିକରେ ଓକିଲମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ। ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ ଅନ୍ୟତମ। ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା।

**ବିପିନବିହାରୀ ରାଉତ**, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩, E-mail : bipinrout@rediffmail.com

# ଜଙ୍ଗଲ ସୁରକ୍ଷା ଓ ବନାଗ୍ନୀ ପ୍ରତିରୋଧ ସଂପର୍କରେ ସଚେତନତା ଶିବିର







ଚଣ୍ଡିଖୋଲ (ପି.ଏନ୍)-ଡ଼ାଳିଯୋଡ଼ା ବନାଂଚଳ ରେଂଜ୍ ବୈରୀ ଦ୍ୱାରା ବଡ଼ଚଣା ବ୍ଲକ୍ ଦର୍ପଣ ପଂଚାୟତର ସଂଜୟ ନଗର ଠାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟାଗ୍ନୀ ପ୍ରତିରୋଧ ସଂପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ, ରେଂଜ୍ ଅଫିସର୍ ଅଭିରାମ ଜେନା, ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମିନତୀ ସେନାପତି, ଭାଇସ୍ ଚେୟାରମ୍ୟାନ୍ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ସରପଂଚ ଯଯାତୀ କେଶରୀ ରାଉତ, ରଂଜନ ଦାସ, ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ ଆନୁଷ୍ଠାନିକ ଭାବେ ସଚେତନତା ଶିବିରକୁ ଉଦଘାଟନ କରିଥିଲେ। ସଚେତନତା ଶିବିରରେ ଉଦୀୟମାନ କଳା ପରିଷଦର ଛାତ୍ରଛାତ୍ରୀ ଓ କାର୍ଯ୍ୟକର୍ତା, ମା' ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ। ପ୍ରଚଣ୍ଡ ରୌଦ୍ର୍ୟତାପ ସମୟରେ ବାରୁଣାବନ୍ତ ପର୍ବତରେ ଥିବା ଜଙ୍ଗଲ ଓ ପଶୁମାନଙ୍କର କିଭଳି ଭାବେ ସୁରକ୍ଷା ଦିଆଯାଇ ପାରିବ ସେଥିପାଇଁ ସମସ୍ତେ ସଚେତନତା ହେବା ଆବଶ୍ୟକତା ରହିଛି। ଜଙ୍ଗଲରେ ଥିବା ଗଛଗୁଡ଼ିକ କିଭଳି କଟାଯାଇ ନପାରିବ ଓ ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ସମସ୍ତେ ପ୍ରଚେଷ୍ଟା ଜାରୀ ରଖିବାର ଆବଶ୍ୟକତା ରହିଛି। ଜଙ୍ଗଲକୁ ବଂଚାଇବାକୁ ହେଲେ ଆମର ତ୍ୟାଗ ଓ କର୍ତବ୍ୟ ଏକାନ୍ତ ଜରୁରୀ, ଏ ଅଂଚଳରେ ଥିବା ସମସ୍ତ ଆଦିବାସୀ ଓ ଦଳୀତ ବର୍ଗର ମା, ଭଉଣୀମାନେ ଜଙ୍ଗଲ ପ୍ରତି ଦୃଷ୍ଟି ଦେବା ଦରକାର। କୌଣସି ବ୍ୟକ୍ତି ଜଙ୍ଗଲରେ ଥିବା ଶୁଖିଲା ଗଛ ପାଖରେ ପତ୍ରରେ ନିଆଁ ନ ଲାଗାଇବା ପାଇଁ ପରାମର୍ଶ ଦେଇଥିଲେ। ସେଠାରେ ଉଦୀୟମାନ କଳା ପରିଷଦ ପକ୍ଷରୁ ଛୋଟ ଛୋଟ ପିଲାଙ୍କୁ ନେଇ ସଂଗୀତ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମା ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତାମାନେ ଜଙ୍ଗଲ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ସେଠାରେ ବିଧାୟକ ଶ୍ରୀ ଶତପଥି ବିଭିନ୍ନ ସୁରକ୍ଷା ସମିତିର କର୍ମକର୍ତାମାନଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ବହୁ ସଂଖ୍ୟାରେ ଆଦିବାସୀ ମହିଳାମାନେ ଆନନ୍ଦିତ ହୋଇ ଅଦିବାସୀ ପରମ୍ପରାର ନାଚ-ଗୀତ ପରିବେଷଣ କରିଥିଲେ। ଶେଷରେ ବନପାଳ ଶଶିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲ ଫୁଲ୍



ସାରା ବିଶ୍ୱ, ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରତିବର୍ଷ ଏପ୍ରିଲ ପହିଲାକୁ ଏପ୍ରିଲ ଫୁଲ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନରେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ, ସହକର୍ମୀ, ସହପାଠୀ, ପଡ଼ୋଶୀ ଆଦିଙ୍କ ସହ ଥଟ୍ଟାମଜା, ବୋକାମୀ ଭରା କାର୍ଯ୍ୟ କରାଯାଇଥାଏ। କେତେକ ଦେଶରେ ଦିନର ପ୍ରଥମାର୍ଦ୍ଧରେ ଏହି ଦିବସ ପାଳନ କରାଯାଇଥିବା ବେଳେ ନ୍ୟୁଜିଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରରେ ଅପରାହ୍ନ ପର୍ଯ୍ୟନ୍ତ ଥଟ୍ଟାମଜା ଚାଲିଥାଏ। ଜଣେ ଅନ୍ୟ ଜଣଙ୍କୁ ବୋକା ବା ଫୁଲ୍ ବନାଉଥିବାରୁ ଏହି ଦିନକୁ ଏପ୍ରିଲ ଫୁଲ ଦିବସ ବୋଲି କୁହାଯାଇଥାଏ। ଗ୍ରେଗୋରୀ କ୍ୟାଲେଣ୍ଡର ପ୍ରଚଳିତ ହେବା ପୂର୍ବରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ମାସ ପ୍ରଥମାର୍ଦ୍ଧକୁ ନୂଆ ବର୍ଷ ଭାବେ ପାଳନ କରାଯାଉଥିଲା। ମାତ୍ର ଗ୍ରେଗୋରୀ କ୍ୟାଲେଣ୍ଡର ଆସିବା ମାତ୍ରେ ନୂଆ ବର୍ଷ ଜାନୁଆରୀ ପହିଲାରେ ପଡ଼ିଲା। ବୋଧହୁଏ ପୁରୁଣା ନୂଆବର୍ଷ ପଡୁଥିବା ସମୟରେ ଏକ ବିଶେଷ ଦିବସ ପାଳନ ପାଇଁ ଏପ୍ରିଲ ଫୁଲ ପାଳନ କରାଯିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଇଥାଏ।

ପ୍ରତିବର୍ଷ, ନିର୍ଦ୍ଦିଷ୍ଟ ଏକ ଦିନରେ ଆପଣଙ୍କୁ ଫୋନ ଦ୍ୱାରା ହେଉ ବା କୌଣସି କାଳ୍ପନିକ ଘଟଣାବଳୀର କ୍ରମରେ ନିଜର କେହି ଜଣେ ପରିଚିତ, ବନ୍ଧୁ ବା ଆତ୍ମୀୟ ବା ଜଣାଶୁଣା ଲୋକଟି କିଛି ଭ୍ରମାତ୍ମକ ତଥ୍ୟ ଦେଇ ଆପଣ ବିବ୍ରତ ହୋଇପଡ଼ିବା ମାତ୍ରେ ସେ ଆପଣଙ୍କୁ ହସି ହସି କହିବେ ଯେ, ବନ୍ଧୁ ଆପଣ ଅପ୍ରେଲଫୁଲ ହୋଇଗଲେ। ତେବେ ସମଗ୍ର ବିଶ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ର ମାନଙ୍କରେ ଏପରି ଲଘୁ ପରିହାସ ଆମ ଭାରତୀୟ ସଂସ୍କୃତିକୁ ଭାରାକ୍ରାନ୍ତ ବି



କଲାଣି। କୌଣସି ଭଲ ଗୁଣ ବା ଅଭ୍ୟାସକୁ ପାଥେୟ ନକରି ଆମ୍ଭେମାନେ ଅନ୍ୟର କୁଗୁଣକୁ ବେଶ ଲକ୍ଷ୍ୟଣୀୟ ଭାବରେ ଗ୍ରହଣ କରିଥାଉ ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଏହି ତଥାକଥିତ ଅପ୍ରେଲଫୁଲ। ତେବେ ସବୁଠାରୁ ଦୁଃଖଦ ଚିନ୍ତନଟି ହେଉଛି ଅପ୍ରେଲ ପହିଲା ଆମ ଓଡ଼ିଶାର ସ୍ମୃତି ସ୍ମାରକୀ ଉତ୍କଳ ଦିବସଟି ହୋଇଥିଲେ ବି ଏହି ଦିନରେ ଆମ୍ଭେମାନେ ନିଜ ମାତୃଭୂମି ବା ମାତୃଭାଷା ପ୍ରତି ଶ୍ରଦ୍ଧା ସମର୍ପଣ ପାଇଁ କୌଣସି ଚିନ୍ତନ ବା ନିଜର ଦାୟିତ୍ୱ ବୋଧତାର ଶପଥ ନନେଇ ବରଂ ସମୟ ସୁଅରେ ଭାସିଯାଇ ଅନ୍ୟ ଜଣକୁ ଅପ୍ରେଲଫୁଲ କରି ନିଜକୁ ବେଶ୍ ବାହାବା ନେଇଥାଉ। ଏହାଦ୍ୱାରା ଆମେ କେତେ ଚତୁର ଓ ଫୁଲ ବା ବୋକା ବନାଇଥିବା ବ୍ୟକ୍ତିଟି ଯିଏ କେହି ବି ହେଉ ତାର ନିର୍ବୋଧତାକୁ ପରିହାସ କରିବା ପଛରେ ଆମ ମାନଙ୍କର ନୈତିକ ଅବକ୍ଷୟତାର ଚିହ୍ନଟିକୁ କିନ୍ତୁ ଭୁଲିଯାଇଥାଉ। ଏହି ଅପ୍ରେଲଫୁଲ ଏପରି ଏକ ନୂଆ ଉନ୍ମାଦନାର ଭାବନା ସୃଷ୍ଟି କଲାଣି ଯେ, ପରିହାସ ଭିତରେ ଜଣଙ୍କର ବିବ୍ରତତା ବା ମାନସିକ ଭାରସାମ୍ୟ ହରାଇବାର ଦୁଃଖଦ ମୁହୂର୍ତ୍ତଟିକୁ ଆମେ ଭୁଲିଯାଉ। ଧରାଯାଉ ଜଣକୁ ଆମେ କହିବୁ 'ସାଙ୍ଗ ଆଜି ତମ ଗାଁରେ ନିଆଁ ଲାଗିଯାଇଛି, ସେ ତତ୍‌କ୍ଷଣାତ ବିବ୍ରତ ହୋଇ ନିଜ ପରିବାର ଲୋକଙ୍କୁ ଫୋନ କଲାପରେ ପରବର୍ତ୍ତୀ ସମୟରେ ଆମେ ତାଙ୍କୁ ଫୋନ କରି ପରିହାସରେ କହିଥାଉ ଦେଖିଲ ସାଙ୍ଗ ଆମେ ତମକୁ ଅପ୍ରେଲଫୁଲ କରିଦେଲୁ!' ପରିହାସ ଭିତରେ ଆମେ କିଛିକ୍ଷଣ ପାଇଁ ସେହି ଲୋକଟିର କେତେ ଯେ କ୍ଷତି କରିବସିଲୁ ତାହା କିନ୍ତୁ ଭୁଲିଯାଉ। ଅବଶ୍ୟ ଆମେ ନିଜେ ଯେ ବୋକା ନୁହେଁ ତାହା ଭାବିବା ଭୁଲ। ଏହି ଲେଖକ ବିନମ୍ରତାର ସହ କହିବ ଆମେ କେତେଜଣ ଏହି ସମାଜରେ ଉତ୍କଳ ଦିବସର ପ୍ରାସଙ୍ଗିକତା ବିଷୟରେ କହିପାରିବା? କେତେଜଣ ଜାଣିଛନ୍ତି ଯେ ଆମ ରାଜ୍ୟ ଉତ୍କଳ ସ୍ୱତନ୍ତ୍ରତା ପାଇବା ପାଇଁ କେଉଁ ମହାପୁରୁଷଙ୍କ ଅବିସ୍ମରଣୀୟ ଅବଦାନ ରହିଛି? କିନ୍ତୁ କ୍ରିକେଟ କ୍ୟାପଟେନ ଧ୍ୱନୀଙ୍କ ସ୍ତ୍ରୀଙ୍କ ନାମଟା ଆମେ ଭଲଭାବେ ଜାଣିଛୁ। ସଲମନ ଖାଁଙ୍କ ବୟସ କେତେ ଆଉ ତାଙ୍କ ପ୍ରେମିକା କିଏ ଥିଲେ ସେ ଲିଷ୍ଟ ପୁରା ଆମ ମୁହଁରେ କିନ୍ତୁ ସାଧାରଣଜ୍ଞାନ ହିସାବରେ ଭାରତ କେବେ ସ୍ୱାଧୀନତା ପାଇଥିଲା କେତେ ଜଣ କହିପାରିବେ? ପାଶ୍ଚାତ୍ୟ ସଂସ୍କୃତିର ସୁଅରେ ନିଜକୁ ହଜାଇ ଦେଇ ଆମ୍ଭେମାନେ କିଛି ମୁହୂର୍ତ୍ତପାଇଁ ହୁଏତ ପରିହାସ ଆଉ କାହାକୁ ନୁହେଁ ନିଜ ବିବେକ ଆଉ ନିଜକୁ ହିଁ କରୁଛେ।

ସାରା ବିଶ୍ୱ, ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରତିବର୍ଷ ଏପ୍ରିଲ ପହିଲାକୁ ଏପ୍ରିଲ ଫୁଲ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନରେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ, ସହକର୍ମୀ, ସହପାଠୀ, ପଡ଼ୋଶୀ ଆଦିଙ୍କ ସହ ଥଟ୍ଟାମଜା, ବୋକାମୀ ଭରା କାର୍ଯ୍ୟ କରାଯାଇଥାଏ । କେତେକ ଦେଶରେ ଦିନର ପ୍ରଥମାର୍ଦ୍ଧରେ ଏହି ଦିବସ ପାଳନ କରାଯାଇଥିବା ବେଳେ ନ୍ୟୁଜିଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରରେ ଅପରାହ୍ନ ପର୍ଯ୍ୟନ୍ତ ଥଟ୍ଟାମଜା ଚାଲିଥାଏ। ଜଣେ ଅନ୍ୟ ଜଣଙ୍କୁ ବୋକା ବା ଫୁଲ୍ ବନାଉଥିବାରୁ ଏହି ଦିନକୁ ଏପ୍ରିଲ ଫୁଲ ଦିବସ ବୋଲି କୁହାଯାଇଥାଏ। ଗ୍ରେଗୋରୀ କ୍ୟାଲେଣ୍ଡର ପ୍ରଚଳିତ ହେବା ପୂର୍ବରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ମାସ ପ୍ରଥମାର୍ଦ୍ଧକୁ ନୂଆ ବର୍ଷ ଭାବେ ପାଳନ କରାଯାଉଥିଲା। ମାତ୍ର ଗ୍ରେଗୋରୀ କ୍ୟାଲେଣ୍ଡର ଆସିବା ମାତ୍ରେ ନୂଆ ବର୍ଷ ଜାନୁଆରୀ ପହିଲାରେ ପଡ଼ିଲା। ବୋଧହୁଏ ପୁରୁଣା ନୂଆବର୍ଷ ପଡୁଥିବା ସମୟରେ ଏକ ବିଶେଷ ଦିବସ ପାଳନ ପାଇଁ ଏପ୍ରିଲ ଫୁଲ ପାଳନ କରାଯିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଇଥାଏ। ଅପ୍ରେଲଫୁଲ ଦିବସ ନପାଳି ଆମ୍ଭେମାନେ ଯଦି ଆମ ନିଜ ମାତୃଭାଷା ନିଜ ମାତୃଭୂମି ପ୍ରତି ଦାୟିତ୍ୱବୋଧତାର ଚିନ୍ତନକୁ ବଢ଼ାଇବା ପାଇଁ ଶପଥ ନିଅନ୍ତେ ତାହାଲେ ଏ ଜାତି, ଏ ରାଜ୍ୟ ନିଶ୍ଚୟ ପ୍ରଗତିରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରନ୍ତା କିନ୍ତୁ ତାହା ନହୋଇ ନିଜେ ବାହାଦୁରୀ ଭାବି ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଅବହେଳା କରୁଥିଲେ ତାହା ଆମ ନିଜର କ୍ଷତି ବୋଲି ତାହା ଭାବିବା କଥା। ପ୍ରତିଦିନ ଆମେ ଯେତିକି ଶବ୍ଦ କଥାବାର୍ତ୍ତା ହେଉଛେ ତାହା ଭିତରୁ ଅଧିକାଂଶ ଶବ୍ଦ ଥାଏ ଇଂଗ୍ରାଜୀ ଶବ୍ଦ। ତାହାବୋଇଲେ ଏ ଲେଖକ ଇଂଗ୍ରାଜୀ ଭାଷାକୁ ବିରୋଧ କରୁନାହିଁ। ଆମ ମାତୃଭାଷା ହେଉଛି ଓଡ଼ିଆ ଆଉ ଆମ ମାତୃଭୂମି ଏହି ଓଡ଼ିଶାରେ କଳା, ସଂସ୍କୃତି, ସାମାଜିକ ଜନଜୀବନ ଓ ଆଧାତ୍ମିକତା କେଉଁଥିରେ ବି କମ୍ ନାହିଁ। କୋଟି କୋଟି ଓଡ଼ିଆଙ୍କ ହୃଦୟେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ସ୍ଥଳୀ ଏହି ଓଡ଼ିଶାରେ। କୋଣାର୍କର ସୂର୍ଯ୍ୟମନ୍ଦିର ହେଉ ବା ବୌଦ୍ଧ କ୍ଷେତ୍ର ଉଦୟଗିରି-ରତ୍ନଗିରି-ଲଳିତଗିରି, ଶିମିଳିପାଳ ହେଉ ବା ସାତକୋଶିଆ ଜୈବବିବିଧତାରେ ପୃଥିବୀର କୌଣସି ଉତ୍କର୍ଷତାପୂର୍ଣ୍ଣ କ୍ଷେତ୍ରଠାରୁ ବି କମ୍ ନୁହେଁ। ଆଉ ଏହି ରାଜ୍ୟରେ କଳିଙ୍ଗ ବୀର ବିଜୁପଟ୍ଟନାୟକ ଜନ୍ମ ହୋଇଥିଲେ ଯାହାଙ୍କୁ ଇଣ୍ଡୋନେସିଆର ଭୂମିପୁତ୍ର କୁହାଯାଏ। ଏସବୁ ସତ୍ତ୍ୱେ ବି ଏ ଜାତି ଆଜି ନିଜ ଗୌରବକୁ ବଢ଼ାଇବା ପାଇଁ ଚେଷ୍ଟା ନକରି ବରଂ ପାଶ୍ଚାତ୍ୟ ଶୈଳୀରେ ନିଜକୁ ଭସେଇ ଅପ୍ରେଲଫୁଲର ବାୟାରେ ଚାଲିଛି। ଆଜିପରି ପବିତ୍ର ଦିନରେ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ନିଜ ଦାୟିତ୍ୱବୋଧତାର ଶପଥର ଦିନ ହେଉ ଏହା ହିଁ କାମନା।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

## ଅଗ୍ନିକାଣ୍ଡରେ ୨ଟି ପରିବାର ସର୍ବସ୍ୱାନ୍ତ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ସିଂଘାପଡା ପଂଚାୟତର କୁବିହାରୀପ୍ରସାଦ ଗ୍ରାମରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି କାର୍ତିକ ନାଏକ ଓ କେଶବ ନାଏକଙ୍କର ୨ ବଖରା ଝାଟିମାଟି ଚାଳ ଛପର ଘର ପୋଡିଯାଇଛି । ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଯୋଗୁଁ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଘର ମଧ୍ୟରୁ ଧାନ, ଚାଉଳ, ଲୁଗାପଟା ଓ ଆସବାପତ୍ର ଆଦି ଆନୁସଙ୍ଗିକ ସାମଗ୍ରୀଗୁଡିକ ଉଦ୍ଧାର କରିପାରି ନ ଥିବା ଜଣାଯାଇଛି । ଖବର ପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ଏଇ ଦୁଇ ପରିବାର ଏବେ ସାଇପଡିଶାଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିବା ଜଣାପଡିଛି । ଖବରପାଇ ସିଂଘାପଡା ସରପଂଚ ସୁନିଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଂଚି ବିପନ୍ନ ପରିବାରଦ୍ୱୟଙ୍କୁ ଭେଟି ଚୁଡା, ଚାଉଳ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ୨ଟି ପରିବାରକୁ ତୁରନ୍ତ ସହାୟତା ରାଶି ପ୍ରଦାନ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଭୁବନେଶ୍ୱରରେ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ସଫଳ ହୋଇଛି

ଭୁବନେଶ୍ୱର (ପିଏନ୍): ନରେନ୍ଦ୍ର ମୋଦୀ ସରକାରଙ୍କର ଜନବିରୋଧୀ ଏବଂ ଶ୍ରମିକ ବିରୋଧୀ ନୀତି ବିରୋଧରେ ଶ୍ରମଜୀବୀ ଜନଗଣଙ୍କ ଅଧିକାର ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ଡାକରାରେ ୨୮-୨୯ ମାର୍ଚ୍ଚରେ ଆହୂତ ଦେଶବ୍ୟାପୀ ସାଧାରଣ ଧର୍ମଘଟ/ହରତାଳ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ସଫଳ ହୋଇଛି ବୋଲି ସି.ପି.ଆଇ. (ଏମ୍) ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ସଂଗଠିତ ହୋଇଥିବା ଦୁଇଦିନିଆ ଧର୍ମଘଟରେ ରିଜର୍ଭ ବ୍ୟାଙ୍କ, ନାଲକୋ କର୍ପୋରେଟ୍ ଅଫିସ୍, ରେଳଷ୍ଟେସନ୍, ରେଳ ସଦନ, ଇଣ୍ଡିଆନ ଅଏଲ୍ କର୍ପୋରେସନ୍‌ର ରାଜ୍ୟ ମୁଖ୍ୟ ଅଫିସ୍, ବି.ଏସ୍.ଏନ୍. ଏଲ୍. ମୁଖ୍ୟ ଅଫିସ୍, ଜୟଦେବ ବିହାର ଓଭର ବ୍ରିଜ୍ ଜାତୀୟ ରାଜପଥ, ଡୁମୁଡୁମା ଛକ ଏବଂ ଓ.ୟୁ.ଏ.ଟି. ଛକ ଇତ୍ୟାଦି ସ୍ଥାନରେ ସି.ଆଇ.ଟି.ୟୁ. ଏବଂ ସି.ପି.ଆଇ.(ଏମ୍) ନେତୃତ୍ୱରେ ଶତାଧିକ କର୍ମୀ ପିକେଟିଂ କରିଥିଲେ । ଏହି ଆନ୍ଦୋଳନରେ ସି.ଆଇ.ଟି.ୟୁ.ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପ ସଭାପତି ଅଭିରାମ ବେହେରା, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ମହିଳା ନେତ୍ରୀ ପୁଷ୍ପା ଦାଶ, ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସଭାପତି ସରୋଜ ନାୟକ, ସମ୍ପାଦକ ଯତୀନ୍ ମହାନ୍ତି, ଆଦିବାସୀ ନେତା ସାଲ ମାର୍ଣ୍ଡି, ଚାମ୍ବରୁ ସୋରେନ୍, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ଯୁଗ୍ମ ସମ୍ପାଦିକା ମିନତୀ ପାଣିଗ୍ରାହୀ, ସି.ଆଇ.ଟି.ୟୁ.ର ଭୁବନେଶ୍ୱର ସଂଯୋଜକ ପ୍ରଦୀପ୍ତ ନାୟକ, ସମ୍ପାଦକ ସୁରେଶ ରାଉତରାୟ, ଯୁଗ୍ମ ସମ୍ପାଦକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ ଶ୍ରମିକ ନେତା ରମେଶ ଜେନା, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢୀ, ସତ୍ୟ ମହାପାତ୍ର, ବସନ୍ତ ସାହୁ, ପଞ୍ଚାନନ ମହାରଣା, ସତ୍ୟନାରାୟଣ ନାୟକ, ବିମଳୀ ନାୟକ ପ୍ରମୁଖ ବହୁ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ । ଏହି ହରତାଳକୁ ସମର୍ଥନ ଜଣାଇ କୃଷକ, କୃଷି ଶ୍ରମିକ, ମହିଳା, ଯୁବ, ଛାତ୍ର, ଆଦିବାସୀ ଏବଂ ଦଳିତ ପ୍ରଭୃତି ସଂଗଠନମାନେ ସାମିଲ ହୋଇଥିଲେ । ସି.ପି.ଆଇ.(ଏମ୍) ସମେତ ସମସ୍ତ ବାମପନ୍ଥୀ ରାଜନୈତିକ ଦଳ ଗୁଡିକ ଏହି ଆନ୍ଦୋଳନରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିଥିଲେ । ଧର୍ମଘଟର ଅଭୁତ ପୂର୍ବ ସଫଳତା ପାଇଁ ରାଜ୍ୟବାସୀ ଏବଂ ରାଜ୍ୟର ଶ୍ରମଜିବୀ ଜନସାଧାରଣଙ୍କୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।




# ଭଦ୍ରକରେ ଶ୍ରୀରାମ ନବମୀ ମହୋତ୍ସବର ବିଶାଳ ଶୋଭାଯାତ୍ରା, ଗେରୁଆମୟ ସାରା ସହର

ଭଦ୍ରକ, (ପି.ଏନ): ଭଦ୍ରକରେ ଶ୍ରୀରାମ ମହୋତ୍ସବ ପାଳନର ଅନ୍ତିମ ଚରଣରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଭାଇଚାରାର ସହର ଭଦ୍ରକରେ ସମାପନ ହୋଇଛି।ଏହି ନଗର ସଂକିର୍ତ୍ତନ ଶୋଭାଯାତ୍ରା ଥିଲା ଅଭୂତପୂର୍ବ। ପୂର୍ବରୁ ଏପରି ଶୋଭାଯାତ୍ରା ଦେଖିବାକୁ ମିଳିନଥିଲା। ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମ ଠାରୁ ବାହାରିଥିବା ଶୋଭାଯାତ୍ରାରେ ୧୦୦ ରୁ ଉର୍ଦ୍ଧ୍ୱ ମେଢ଼ ଅଂଶ ଗ୍ରହଣ କରିଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି, ଆଜିର ଶୋଭାଯାତ୍ରାରେ ସହସ୍ରାଧିକ ମହିଳା ଓ ଯୁବତୀ ଯୋଗଦେଇଥିଲେ। ଜୟ ଶ୍ରୀରାମ, ବଜରଙ୍ଗବାଲୀକି ଜୟ ଧ୍ୱନୀରେ ଭଦ୍ରକ ସହର ପ୍ରକମ୍ପିତ ହୋଇଥିଲା। ଅପରାହ୍ନ ୩ଟା ସମୟରେ ଶୋଭାଯାତ୍ରା ଆରମ୍ଭ ହୋଇଥିବାବେଳେ, ଗେଲପୁର, ସନ୍ଥିଆ, ବେନ୍ତାଳ. ରାନ୍ଦିଆ, ଏଲଖା, ଗେଲଟିଆ, ଗବସାହି, ଶଙ୍କରପୁର, ମଠସାହି, ବଙ୍କସାହି, ବାଉଦପୁର, ଗରଦପୁର, ଜଗନ୍ନାଥପୁର, ଜାନୁଗଞ୍ଜ, ମଠସାହି, କୁଆଁସ, ଅସ୍ତଳ, ରାଜଘାଟ, ଅନ୍ନପାଳ, ବିଷ୍ଣୁପୁର, କୋରକୋରା, ବାଇପାସ, ଚରମ୍ପା ପ୍ରଭୃତି ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୦୦ ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ମେଢ଼ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କେଉଁଝର ଓ ଯାଜପୁରର ମାଦଳ ବାଜା, କୁଆଖିଆର ସିଂହ ବାଜା, ଇସ୍କନ ସଂକିର୍ତ୍ତନ ମଣ୍ଡଳୀ, ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଘୁଣ୍ଟୁଆଳ, ସଂକୀର୍ତ୍ତନମଣ୍ଡଳୀ, ନିଜକୁ ଗୈରିକ ବେଶରେ ସଜାଇଥିବା ଯୁବକମାନଙ୍କ ଶୃଙ୍ଖଳିତ ଶୋଭାଯାତ୍ରା ଭଦ୍ରକ ସହରକୁ ଉତ୍ସବମୁଖର କରି ଗଢ଼ି ତୋଳିଥିଲା। ଏହି ଶୋଭାଯାତ୍ରା ବନ୍ତ ଛକ, କଚେରୀବଜାର, ଟାଉନହଲ ଛକ, ନୂଆବଜାର, ରାଜଘାଟ ଛକ, କଦମବେଢ଼ା, ଚନ୍ଦନବଜାର, ପୁରୁଣାବଜାର, ଲାହାପଟି, ଶଙ୍କରପୁର, ମହିଳା କଲେଜ ବାଟ ଦେଇ ଯଜ୍ଞସ୍ଥଳ ଗାନ୍ଧିପଡ଼ିଆ ଠାରେ ରାତି ୧୨.୩୦ରେ ପହଞ୍ଚି ଥିଲା । ତେବେ ଶୋଭାଯାତ୍ରା କାଳରେ ବିଭିନ୍ନ ଛକ ସ୍ଥାନମାନଙ୍କରେ ବହୁ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯିବା ସହ ଥଣ୍ଡା ପାନୀୟରେ ଆପ୍ୟାୟିତ କରାଯାଇଥିଲା। କେତେକ ସ୍ଥାନରେ ଖିଚୁଡ଼ି ଭୋଗ, ଗ୍ଲୁକୋଜ ପାଣି, ଥଣ୍ଡା ପାନୀୟ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟ ବିଜେଡି ସଂପାଦକ ଇଂ ପ୍ରୟାସକାନ୍ତି ସାମଲ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ନଗର ସଭାପତି ତାହେର ମହମ୍ମଦ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ପ୍ରବୀର ଜେନା, ଦିଲ୍ଲୀପ ନାୟକ, ସାହିଦ ଖାନ ଶୋଭାଯାତ୍ରକାରୀଙ୍କୁ ସ୍ୱାଗତ କରିଥିଲେ। ୧୪ମହଲା ଜମାତ୍‌ର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାଲଘୁ ଯୁବକ ଏହି ସଂକୀର୍ତ୍ତନ ଦଳଙ୍କୁ କଚେରୀବଜାର ଠାରେ ସ୍ୱାଗତ ଜଣାଇଥିଲେ। ସେହିପରି ଟାଉନ ହଲ ଛକରେ ପୌରାଧକ୍ଷା ଗୁଲମକ୍କୀ ହବିବ ନଗର ସଂକିର୍ତ୍ତନ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଭାଇଚାରାର ସହର ଭଦ୍ରକରେ ରାମନବମୀ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଥିବାବେଳେ ନଗର ସଂକୀର୍ତ୍ତନରେ ମଧ୍ୟ ଅଭୂତପୂର୍ବ ନିଦର୍ଶନ ଦେଖିବାକୁ ମିଳିଛି। ଶୋଭାଯାତ୍ରା କାଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଲକ୍ଷାଧିକ ପୁରୁଷ ମହିଳା ଉପସ୍ଥିତ ରହି ଶଂଖ, ହୁଳହୁଳି ମାଧ୍ୟମରେ ସଂକୀର୍ତ୍ତନମଣ୍ଡଳୀଙ୍କୁ ସ୍ୱାଗତ କରିଥିଲେ। ଶ୍ରୀରାମ ମହୋତ୍ସବ ସମିତିର ବରିଷ୍ଠ ଉପଦେଷ୍ଟା ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, କମିଟିର ସଭାପତି ରାୟ ରାମାନନ୍ଦ ମହାପାତ୍ର, ସମ୍ପାଦକ ମାନସ ମହାନ୍ତି, ବଦ୍ରିନାରାୟଣ ଧଳ, ଡ଼. ପ୍ରଦୀପ ନାୟକ, ଅଭିମନ୍ୟୁ ସେଠୀ, ଜିଲ୍ଲା ବିଜେପି ସଭାନେତ୍ରୀ ହରପ୍ରିୟା ସାହୁ, ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢ଼ୀ, ପ୍ରାକ୍ତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, କଂଗ୍ରେସ ସଭାପତି ସୁବ୍ରତ ଦାସ, ନଳିନୀ ମହାନ୍ତି, ଶରତ ପଢ଼ିଆରୀ, ଜଗନ୍ନାଥ ଦାସ, ଇଂ. ହୃଶିକେଶ ଗୋସ୍ୱାମୀ, ସ୍ୱାଧିନସୁନ୍ଦର ଦାସ, ମନସ୍ମିତା ଖୁଣ୍ଟିଆ, ସୁମିତ୍ରା ପାଣୀ, ଅମ୍ବିକା ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉକ୍ତ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଚଳିତବର୍ଷ ଉତ୍ତର-ପୂର୍ବ ଆଇଜି ହିମାଂଶୁ ଲାଲଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ୮ଟି ଡ୍ରୋନ୍ ଓ ୭୬ଟି ସିସିଟିଭି କ୍ୟାମେରା ମାଧ୍ୟମରେ ସାରା ସହରକୁ ଲକ୍ଷ୍ୟ ରଖାଯାଇଛି। ଏବଂ ସମଗ୍ର ସହରକୁ ପୁଲିସ ଛାଉଣୀରେ ପରିଣତ କରାଯାଇଥିଲା। ପ୍ରତ୍ୟେକ ମେଢ଼କୁ ଜଣେ ଜଣେ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା। ରାପିଡ ଆକ୍ସନ ଫୋର୍ସଙ୍କ ସମେତ ମୋଟ ୩୫ ପ୍ଲାଟୁନ ପୁଲିସ ଫୋର୍ସ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିଲେ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଷ୍ଟ୍ରାଇକିଂ ଫୋର୍ସଙ୍କୁ ନିୟୋଜିତ କରାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ଛାତ ଉପରେ ରହି ବାଇନୋକୁଲାର ସାହାଯ୍ୟରେ ପରିସ୍ଥିତି ଉପରେ ପୁଲିସ ସତର୍କ ନଜର ରଖିଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁପ୍ତାଲି , ୨ଜଣ ଅତିରିକ୍ତ ଏସପି, ୧୨ଜଣ ଡ଼ିଏସପି, ୨୫ଜଣ ଇନ୍ସପେକ୍ଟର, ୧୦୦ ରୁ ଅଧିକ ଏଏସ୍‌ଆଇ ଓ ୩୫ ପ୍ଲାଟୁନ ଫୋର୍ସ ସମେତ ବହୁ ପୁଲିସ ଅଧିକାରୀ ଶୋଭାଯାତ୍ରାର ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିଥିଲେ।

## ରାହୁଲ ଗାନ୍ଧୀଙ୍କ ସମର୍ଥନରେ ସେବାଦଳର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,(ପି.ଏନ): ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ନେତୃତ୍ୱରେ ସେବାଦଳ କର୍ମୀମାନେ କଂଗ୍ରେସ ଭବନଠାରେ ସମ୍ମିଳିତ ହୋଇ ଶୃଙ୍ଖଳାର ସହ କଂଗ୍ରେସ ଭବନଠାରୁ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଡଃ ଜ୍ଞାନେନ୍ଦ୍ର କହିଥିଲେ ଯେ, ଆମେ ଗତ ୯ବର୍ଷ ଧରି ବିଜେପି ସରକାର ଶାସନରେ, ସାଧାରଣ ଜନତା ଯେଉଁ ହନ୍ତସନ୍ତ ହେଉଛନ୍ତି ଏହା ଭାରତ ସ୍ୱାଧୀନତାର ୭୫ ବର୍ଷ ଭିତରେ ଦେଖାଦେଇନଥିଲା। ଦେଶରେ ଏକଛତ୍ରବାଦୀ ପ୍ରଧାନମନ୍ତ୍ରୀ ଗଣତନ୍ତ୍ରର ହତ୍ୟାକରିବା ପାଇଁ ସମସ୍ତ ପ୍ରକାର ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି। ଆଦାନୀ କମ୍ପାନୀଭଳି ବ୍ୟବସାୟୀଙ୍କୁ ସୁହାଇଲା ଭଳି ବ୍ୟାଙ୍କ ଋଣ କରାଇ ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣ ଧ୍ୱଂସ କରିଦେଇଛନ୍ତି। ଏହାର ପ୍ରତିବାଦ କଂଗ୍ରେସ ଦଳ ତରଫରୁ ନିରନ୍ତର ଚାଲିଛି। ଆଗାମୀ ଦିନରେ ମଧ୍ୟ ଚାଲିବ ବୋଲି ସେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ସେବାଦଳ କର୍ମକର୍ତ୍ତା ଏବଂ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ବିଧାୟକ ସୁରେଶ କୁମାର ରାଉତରାୟ, ଆଡଭୋକେଟ ମନୋଜ କୁମାର ସାହୁ, ଜ୍ୟୋତିଷ କୁମାର ସାହୁ, ପ୍ରକାଶ ଜେନା, ମହମ୍ମଦ ସାହାଦୁଲ୍ଲା, କୁଳମଣି ସାହୁ, ଖଗେଶ୍ୱର ମଲ୍ଲିକ, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ପ୍ରଶନ୍ନ କୁମାର ପାଇକରାୟ, କୈଳାସ ଚନ୍ଦ୍ର ସାହୁ, ପ୍ରକାଶ ନନ୍ଦ, ଅଜିତା କର ପ୍ରମୁଖ ବହୁ ସେବାଦଳ କର୍ମୀ ଅଂଶଗ୍ରହଣ କରିଥିଲେ।

## ଭଣ୍ଡାରିପୋଖରୀ, କହରାପୋଖରୀ ଓ ବାରିକପୁରରେ ଚଇତି ଦୁର୍ଗାପୂଜା

ଭଦ୍ରକ,(ପି.ଏନ): ଭଣ୍ଡାରିପୋଖରୀର ପୁରପଲ୍ଲୀରେ ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ପୂଜା ଅନୁଷ୍ଠିତ ହେଉଛି। ସୋମବାର ବିଲ୍ୱ ବରଣ ସହ ଅଧିବାସ, ମଙ୍ଗଳବାର ମହାସପ୍ତମୀ, ବୁଧବାର ମହାଷ୍ଟମୀ ଓ ଗୁରୁବାର ମା'ଙ୍କ ମହାନବମୀ ପୂଜା ଅନୁଷ୍ଠିତ ହୋଇଛି। ଭଣ୍ଡାରିପୋଖରୀବଜାର, କହରାପୋଖରୀ ଓ ବାରିକପୁର ଆଦି ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ମଣ୍ଡପରେ କାରିଗର ମହେନ୍ଦ୍ର ସାହୁଙ୍କ ଦ୍ୱାରା ଗଢାଯାଇଥିବା ମା' ଙ୍କ ମୃଣ୍ମୟ ମୁର୍ତ୍ତିକୁ ପୂଜକ ନରନାରୟଣ ମିଶ୍ର ଓ ସାଥୀ ବିଧିମତେ ପୂଜାକରୁଛନ୍ତି। ସଂପୃକ୍ତ ମା'ବାସନ୍ତି ଦୁର୍ଗା କମିଟି ପକ୍ଷରୁ ଅଖିଳ ବିହାରୀ ସାହୁ, ସଦସ୍ୟ ଗଗନ ବିହାରୀ ନାୟକ, ସୁଶାନ୍ତ ବିଶ୍ୱାଳ, ପ୍ରଦୀପ ସେନାପତି ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ସେହିପରି ବାରିକପୁର ମା' ବାସନ୍ତୀ ଦୁର୍ଗା ବଜାରକମିଟି ସଭାପତି ପ୍ରଭାକର ପାତ୍ର ଓ ସମ୍ପାଦକ ଦିଲ୍ଲୀପ ମହାନ୍ତି ଓ ବ୍ୟବସାୟୀଙ୍କ ପରିଚାଳନାରେ କଲେଜପଡିଆ ସ୍ଥାୟୀ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହୋଇଛି। ବିଗତ ୧୯୬୮ ମସିହାରୁ ପ୍ରତିବର୍ଷ ଏହି ମଣ୍ଡପରେ ମା' ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ସ୍ଥାନୀୟ ବଜାରର ବ୍ୟବସାୟୀ, ଆଖପାଖ ଗ୍ରାମବାସୀ, ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। ଦଶହରା ପାଳନ ପରେ ମୃଣ୍ମୟୀ ମୂର୍ତ୍ତିକୁ ରେବ ନଦୀରେ ବିସର୍ଜନ ଦିଆଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗା ଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୭୮ ବର୍ଷ ହେବ ମା' ଙ୍କ ପୂଜା ପାଳିତ ହେଉଛି। କାରିଗର ମହେନ୍ଦ୍ର ସାହୁଙ୍କ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜକ କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ଗୋବର୍ଦ୍ଧନ ପଣ୍ଡାଙ୍କ ପୂଜା କରୁଛନ୍ତି। ଏହି ମଣ୍ଡପରେ ପ୍ରତ୍ୟହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ଚାଲୁରହିଛି। ଏଠାରେ ମା'ଙ୍କ ପୂଜା ପାଇଁ ଚାନ୍ଦା ଆଦାୟ ନିଷିଦ୍ଧ କରାଯାଇ ମା'ଙ୍କ ନିଜସ୍ୱ ଆୟରୁ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥାଏ ବୋଲି ସଂପୃକ୍ତ କମିଟି ପକ୍ଷରୁ ପ୍ରକାଶ। ଭରତ ଚନ୍ଦ୍ର ନାୟକ, କାହ୍ନୁଚରଣ ବେହେରା, ହରିହର ପାତ୍ର, ନାରାୟଣ ଚନ୍ଦ୍ର ପାତ୍ର, ପ୍ରମୁଖ ଗ୍ରାମବାସୀ ଏହି ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଭଣ୍ଡାରିପୋଖରୀ ସି.ଏଚ.ସି.କୁ ମିଳିଲା ରାଜ୍ୟସ୍ତରୀୟ 'କାୟାକଳ୍ପ' ମାନ୍ୟତା

ଭଦ୍ରକ, (ପି.ଏନ) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚଳିତ ବର୍ଷର 'କାୟାକଳ୍ପ' ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି କରି ରାଜ୍ୟ ସ୍ତରରେ ୯ ନଂ ମାନ୍ୟତା ହାସଲ କରିବା ସହ ଜିଲ୍ଲାରେ ପ୍ରଥମ ହୋଇଥିବା ଜଣାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା, ତୃଣମୂଳସ୍ତରୀୟ ସ୍ୱାସ୍ଥ୍ୟସେବା, ଯୋଜନା ରୂପାୟନ, ନଥିପତ୍ର ପ୍ରସ୍ତୁତି, ସକାରାତ୍ମକ ରୋଗୀସେବା, ଔଷଧୀୟ ବୃକ୍ଷ ରୋପଣ, ଟୀକାକରଣ, ସବୁଜ ସ୍ୱାସ୍ଥ୍ୟକେନ୍ଦ୍ର, କର୍ମଚାରୀ ଓ ଡାକ୍ତରଙ୍କ ବ୍ୟବହାର, ସୌନ୍ଦର୍ଯ୍ୟକରଣ ଆଦି ଗୁଣାତ୍ମକ ମାନଦଣ୍ଡ ଆଧାରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ ପ୍ରତିନିଧିମଣ୍ଡଳୀଙ୍କ ସୁପାରିଶ କ୍ରମେ ଏହି ମାନ୍ୟତା ପ୍ରାପ୍ତ ହୋଇଥିବା ଜଣାଯାଇଛି। ଏଥିସହ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ରହଣିଆ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ମଞ୍ଜୁରୀ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ମଞ୍ଜୁରୀରୋଡ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ (ନୂତନ) ଓ ବାରିକପୁର ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ମଧ୍ୟ 'କାୟାକଳ୍ପ' ମାନ୍ୟତା ହାସଲ କରିଥିବା ଜଣାଯାଇଛି। ସେହିପରି ସରସଦା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ବିଷ୍ଣୁପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର, ନେରଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ରହଣିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ମଞ୍ଜୁରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମଧ୍ୟ 'କାୟାକଳ୍ପ' ମାନ୍ୟତା ହାସଲ କରିଥିବା ଜଣାଯାଇଛି। ଡାକ୍ତର ବୀଣାପାଣୀ ନନ୍ଦ, ଡାକ୍ତର ଶେଫାଳୀ ମଲ୍ଲିକ ଓ ଶ୍ରଦ୍ଧାଞ୍ଜଳୀ ରାଉତଙ୍କ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ମାନ୍ୟତାପତ୍ର ସ୍ଥାନୀୟ ଅଧିକ୍ଷକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁ, ବିପିଏମ ରଶ୍ମିରେଖା ପୃଷ୍ଟି, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ରାଉତ, ଫାର୍ମାସିଷ୍ଟ ପଙ୍କଜ କୁମାର ବେହେରା ପ୍ରମୁଖଙ୍କୁ ପ୍ରଦାନ କରିଥିଲେ। ଏହି ମାନ୍ୟତା ପାଇଁ ମେଡିକାଲ ପକ୍ଷରୁ ଅଞ୍ଚଳବାସୀଙ୍କୁ କୃତଜ୍ଞତାଜ୍ଞାପନ କରାଯାଇଛି।

## ଗୋହତ୍ୟାକୁ ସଂପୂର୍ଣ୍ଣ ବନ୍ଦ କରିବା ଦାବି କଲା ହନୁମାନ ଜୟନ୍ତୀ ସମନ୍ୱୟ ସମିତି

ସମ୍ବଲପୁର,(ପି.ଏନ):ସହରରେ ଗୋମାଂସ ଚୋରା ଚାଲାଣକାରୀ ଓ ଗୋହତ୍ୟାକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ସ୍ଥାନୀୟ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଦୃଢ଼ ଦାବି କରାଯାଇଛି । ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଅଭିଯୋଗ କରିଛି ଯେ, ଗତ କିଛି ବର୍ଷ ହେବ ସମ୍ବଲପୁର ସହରରେ ଲଗାତାର ଭାବେ ଗୋହତ୍ୟା ସହ ଗୋରୁ ଚୋରାଚାଲାଣ ବୃଦ୍ଧି ପାଉଥିଲେ ମଧ୍ୟ ଏହାକୁ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରିଛି । ଏଥିସହ ବାଙ୍ଗଲାଦେଶୀ ଓ ରୋହିଙ୍ଗା ମୁସଲିମଙ୍କ ଅନୁପ୍ରବେଶ ବୃଦ୍ଧି ପାଇବା ଯୋଗୁଁ ବିଭିନ୍ନ ସମୟରେ ସହରରେ ଅପରାଧିକ ଘଟଣା ବଢିଚାଲିଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ପଦାଧିକାରୀ ମାନେ ଗୋ-ମାଂସ ଓ ଗୋରୁ ଚୋରା ଚାଲାଣକାରୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଯଦି ପ୍ରଶାସନ ଯଥାଶୀଘ୍ର ଗୋରୁ ମାଂସ ଓ ଗୋରୁ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସମ୍ମିଳନୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ଡ଼ା. ରାଜକୁମାର ବଡ଼ପଣ୍ଡା, କାର୍ଯ୍ୟକାରୀ ସଭାପତି ଦାମୋଦର କର, ସମ୍ପାଦକ ସମୀର ରଞ୍ଜନ ବାବୁ, ମୁଖ୍ୟ ସଂଯୋଜକ ନନ୍ଦ କିଶୋର ମିଶ୍ର, ଉପଦେଷ୍ଟା ରାମ ଚନ୍ଦ୍ର ମେହେର, ସୁଧୀର ରଞ୍ଜନ ବହିଦାର ଓ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

## ଇନଷ୍ଟାଗ୍ରାମରେ ପ୍ରେମ ପରେ ବ୍ଲାକମେଲିଂ କରି ଛତିଶଗଡ଼ ଯୁବକ ଗିରଫ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନାରେ ଆଜି ଏକ ରୋଚକ ପ୍ରେମ ସମ୍ପର୍କ ମାମଲାରେ ଛତିଶଗଡ଼ ରାଜ୍ୟ ରାଇଘର ଜିଲ୍ଲା ଫୁଂଜପଥର ଥାନା ଉଜ୍ଜ୍ୱଳପୁର ଗ୍ରାମର ଭଗବତୀ ଦୀପ ନାମକ ଜଣେ ଯୁବକଙ୍କୁ ଖଜୁରୀପଡା ପୋଲିସ ଗୀରଫ କରି ଆଜି ପୋକ୍ସ ଧାରାରେ ୪୦/୨୩ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।ଖଜୁରୀପଡା ଥାନା ଅଂଚଳର ଜଣେ ନାବାଳିକା ଝିଅ ଗତ କରୋନା କଟକଣା ସମୟରେ ମୋବାଇଲ ମାଧ୍ୟମରେ ଅନଲାଇନ ପାଠ ପଢୁଥିବା ବେଳେ ଇନଷ୍ଟାଗ୍ରାମରେ ଛତିଶଗଡ଼ ରାଜ୍ୟର ଉକ୍ତ ଯୁବକ କୌଣସି ପ୍ରକାରେ ନାବାଳିକାଙ୍କୁ ଚତୁରତାର ସହ ଫସେଇବା ସହ ପ୍ରେମ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ଗ୍ରାମକୁ ଆସି ଶାରୀରିକ ସମ୍ପର୍କ ମଧ୍ୟ ରଖିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ବହୁଦିନ ପର୍ଯ୍ୟନ୍ତ ଅଭିଯୁକ୍ତ ଜଣକ ନାବାଳିକାଙ୍କ ସହ ସମ୍ପର୍କ ପରେ ଶେଷରେ ନାବାଳିକାଙ୍କୁ ବ୍ଲାକମେଲିଂ ଆରମ୍ଭ କରି ଟଙ୍କା ପଇସା ପଠେଇବାକୁ ବାଧ୍ୟ କରିବା ସହ ଟଙ୍କା ନଦେଲେ ସବୁ ଫଟୋ ଭିଡିଓ ଭାଇରାଲ କରିବାକୁ ନାବାଳିକାଙ୍କୁ ଧମକ ଦେବାପରେ ଶେଷରେ ଝିଅ ନିଜର ପରିବାରରେ ସବୁକଥା କହିବା ସହ ଅଭିଯୁକ୍ତ କୁ ଧରିବା ପାଇଁ ଯୋଜନା ଅନୁସାରେ ତାକୁ ଟଙ୍କା ଦେବାସହ ଭଲ ସମ୍ପର୍କ ରହୁ ବୋଲି କହି ନାବାଳିକାଙ୍କ ଘରକୁ ଡକାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିବା କାରଣରୁ ପୋଲିସ ଅଭିଯୁକ୍ତ ଭଗବତୀ ଦୀପ କୁ ତୁରନ୍ତ ଗୀରଫ କରି ଥାନାକୁ ଆଣି ପ୍ରାଥମିକ ତଦନ୍ତ ସହ କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁ ସୂଚନା ପ୍ରଦାନ କରିଛନ୍ତି।

## ମହା ଆଡମ୍ବର ରେ ପାଳିତ ହେଲା ଶ୍ରୀରାମ ନବମୀ ଉତ୍ସବ

କେନ୍ଦ୍ରାପଡ଼ା,(ପି.ଏନ): ପବିତ୍ର ଶ୍ରୀରାମ ନବମୀ ଜନ୍ମୋତ୍ସବ କେନ୍ଦ୍ରାପଡା ସହର ସମେତ ଆଖପାଖ ଅଂଚଳରେ ମହା ଆଡମ୍ବର ରେ ଶ୍ରଦ୍ଧା ଭକ୍ତିର ସହ ପାଳନ କରାଯାଇଛି । ସହର ମଧ୍ୟରେ ଥିବା ବିଭିନ୍ନ ଶ୍ରୀରାମ ମନ୍ଦିର ଓ ଶ୍ରୀ ମହାବୀର ମନ୍ଦିର ମାନଙ୍କରେ ଦିନ ତମାମ ଶ୍ରଦ୍ଧାଳୁ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା । ସହରର ତିନିମୁହାଣୀ ସ୍ଥିତ ଶ୍ରୀରାମ ମନ୍ଦିର, ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଗରାପୁର ଆଶ୍ରମ, ଗୋପ ଶ୍ରୀରାମ ମନ୍ଦିର, ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଥିବା ଶ୍ରୀରାମଜୀଙ୍କ ମନ୍ଦିର ମାନଙ୍କରେ ପ୍ରାରମ୍ପରିକ ରୀତିରେ ବିଗ୍ରହ ମାନଙ୍କ ନିତ୍ୟ ଆଳତୀ ସ୍ନାନ ଓ ଅଭିଷେକ, ଶ୍ରୀରାମ ଜନ୍ମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଶ୍ରୀରାମ ନବମୀ ବ୍ରତ ରଖିଥିବା ଶ୍ରଦ୍ଧାଳୁ ମାନେ ପବିତ୍ର ନଦୀ ଜଳର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ମନ୍ଦିରରେ ହୋମ ଯଜ୍ଞ ସହ ଭଜନ ଜଣାଣ ସମାରୋହ ଓ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟରେ ଶ୍ରୀରାମ ନବମୀର ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇ ଯାଇଛି । ଆଜିଠାରୁ ତିନିମୁହାଣୀ ଶ୍ରୀରାମ ମନ୍ଦିର ଓ ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରେ ବୈଶ୍ୟ ସଦାଶିବକୃତ ଶ୍ରୀରାମ ଲୀଳା ନାଟ୍ୟ ପରିବେଷଣ ଅନ୍ୟୂନ ୯ଦିନ ବ୍ୟାପି ଅନୁଷ୍ଠିତ ହେବ । ତେବେ ଆନନ୍ଦ ଉତ୍ସାହର ସହ ଘରେ ଘରେ ଶ୍ରୀରାମ ନବମୀ ପାଳନ କରାଯାଇ ଥିବାବେଳେ ବିଧାୟକ ଶଶି ଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ପ୍ରମୁଖ ବିଭିନ୍ନ ମନ୍ଦିର ପରିଦର୍ଶନ କରି ଦିଅଁ ମାନଙ୍କୁ ଦର୍ଶନ କରିବା ସହ ଜନ ସାଧାରଣଙ୍କୁ ଶ୍ରୀରାମ ନବମୀ ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି ।

## ଓମ୍‌ଫେଡ୍‌ର ଦୁଗ୍ଧ ଦରବୃଦ୍ଧି ସମୁଦ୍ରକୁ ଶଙ୍ଖେ- ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର,(ପି.ଏନ): ଓମ୍‌ଫେଡ୍ ପକ୍ଷରୁ ଦୁଗ୍ଧ ଦରରେ ବୃଦ୍ଧି କରାଯାଇଛି। ଆସନ୍ତା ଏପ୍ରିଲ ପହିଲାରୁ ବର୍ଦ୍ଧିତ ଦର ଲାଗୁ ହେବ। ଅପରପକ୍ଷରେ କ୍ଷୀର ଦାମ୍ ମାତ୍ର ୪ ଟଙ୍କା ଲିଟର ପିଛା ବୃଦ୍ଧି କରିଛି, ଯାହା "ସମୁଦ୍ରକୁ ଶଙ୍ଖେ" ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଭିଯୋଗ କରିଛି । ମହାସଂଘର ଅଧ୍ୟକ୍ଷ ରବି ବେହେରା କହିଛନ୍ତି ବିଗତ ବର୍ଷମାନଙ୍କରେ ୯୦୦ ଟଙ୍କାରେ ବିକ୍ରି ହେଉଥିବା ଗୋଖାଦ୍ୟ ୧୪୦୦ ଟଙ୍କାରେ ପହଂଚିଛି।

## ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ ଜାତିଆଣ ଆକ୍ଷେପ

ବଲାଙ୍ଗିର ,(ପି.ଏନ): ସୂଚନା ଅଧିକାରକର୍ମୀ ମଙ୍ଗନ ରାଏଙ୍କୁ ହତ୍ୟା ଧମକ ତଥା ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଦୁଇ ଦିନ ତଳେ ଏହି ବିଷୟରେ ସେ ଦେଓଗାଁ ଥାନା ଅଧିକାରୀ ତଥା ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ । କିନ୍ତୁ ଉକ୍ତ ବ୍ୟକ୍ତି ଆଜି ସକାଳୁ ପୁଣି ଫୋନ କରି ତାଙ୍କୁ ଧମକ ଚମକ ଦେଇଥିବା ନେଇ ଶ୍ରୀ ରାଏ ଅଭିଯୋଗ କରିବା ସହ ଉକ୍ତ ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ତାଙ୍କର ଜୀବନ ପ୍ରତି ଯଥେଷ୍ଟ ଭୟ ରହିଛି ବୋଲି କହିଛନ୍ତି । ଆହୁରି ଉକ୍ତ ବ୍ୟକ୍ତି ଜଣକ ଶିକାଛିଡା ଗ୍ରା.ପ ଅଧିନସ୍ଥ ଭାନପୁର ବାସିନ୍ଦା ଓ ଜଣେ ସରକାରୀ କର୍ମୀ ବୋଲି ଶ୍ରୀ ରାଏ ସୂଚନା ଦେଇଛନ୍ତି ।ସୂଚନା ମୁତାବକ ଶିକାଛିଡ ପଂଚାୟତ ଭାନପୁର ଗ୍ରାମର ମନରେଗା ଯୋଜନାରେ ଅନେକ ଦୁର୍ନୀତି ହୋଇଛି । ମନରେଗା କାମରେ କେତେକ ଆର୍ଥିକ ରୁପେ ସ୍ୱଚ୍ଛଳ, ତଥା ଗ୍ରାମରେ ବସବାସ କରୁନଥିବା ବ୍ୟକ୍ତିଙ୍କ ନାଁ ଚଢାଇ ବେଆଇନ ଭାବେ ଅର୍ଥ ହେରଫେର କରାଯାଇଛି ବୋଲି ଏହାକୁ ଉତ୍‌ଥାପନ କରିବା ଓ ଘଟଣା ସଂପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଶ୍ରୀ ରାଏ ଗତ ୨୨ ତାରିଖରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ । ସେହି ପତ୍ରରେ ଉକ୍ତ ବ୍ୟକ୍ତିର ପିତା ଜଣେ କିରାନା ଦୋକାନୀ ହୋଇଥିବା ବେଳେ ମନରେଗାରେ ସେ କାମ ନକରି ତାଙ୍କ ନାଁରେ ପଇସା ଉଠାଯାଇଥିବା ଉଲ୍ଲେଖ କରିଥିଲେ । ଯାହାର ସରକାରୀ ନକଲ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ତେବେ ଏହି ଘଟଣାରେ ଉକ୍ତ ବ୍ୟକ୍ତି ଜଣକ ଉତ୍‌କ୍ଷିପ୍ତ ହୋଇ ଶ୍ରୀ ରାଏଙ୍କୁ ଫୋନରେ ବାରମ୍ବାର ଧମକ ଦେବା ସହ ଜାତିଆଣ ଅକ୍ଷେପ କରିଥିଲା । ଯାହାକୁ ନେଇ ଶ୍ରୀ ରାଏ ଗତ ୨୮ ତାରିଖରେ ଦେଓଗାଁ ଥାନା ଅଧିକାରୀଙ୍କୁ ଲେଖି ଜଣାଇଥିଲେ । କିନ୍ତୁ ୩୦ ତାରିଖ ସକାଳୁ ପୁଣି ସେହି ବ୍ୟକ୍ତି ହତ୍ୟା ଧମକ ସହ ଜାତିଆଣ ଆକ୍ଷେପ କରିଥିବା ଶ୍ରୀ ରାଏ ଅଭିଯୋଗ କରିବା ସହ ଉକ୍ତ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି । ତବେ ପୋଲିସ ଘଟଣାର ତୁରନ୍ତ ଅନୁସନ୍ଧାନ କଲେ, ଅଭିଯୋଗ ମୁତାବକ ଶ୍ରୀ ରାଏ ସୁରକ୍ଷିତ ଅନୁଭବ କରିବା ସହ ଘଟଣାର ସତ୍ୟାସତ୍ୟ ଉଜାଗର ହେବ ବୋଲି କହିଛନ୍ତି ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday April 01, 2023 ଭୁବନେଶ୍ବର ଶନିବାର, ଅପ୍ରେଲ ୦୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଶ୍ରୀ ଓମ ପ୍ରକାଶ ଜିନ୍ଦଲଙ୍କ ୧୮ତମ ପୂଣ୍ୟତିଥି ପାଳିତ




ଅନୁଗୋଳ :(ପି.ଏନ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ଅନୁଗୋଳ ପକ୍ଷରୁଏହାର ପ୍ରତିଷ୍ଠାତା ଶ୍ରୀ ଓମ ପ୍ରକାଶ ଜିନ୍ଦଲ (ବାଉଜି)ଙ୍କ ୧୮ତମ ପୂର୍ଣ୍ୟତିଥି ପାଳିତ ହୋଇଅଛି ଓଏହି ଅବସରରେ ବିଭିନ୍ନ ପ୍ରକାରର ଆଧାତ୍ମିକ ସଭା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ସାଙ୍ଗକୁ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରାଯାଇଥିଲା ଓଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ଶ୍ରୀ ହୃଦୟେଶ୍ୱର ଝାଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିବା ସାଙ୍ଗକୁ ଏହି ମହାନ ଆତ୍ମାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ଷବଳୀର ସ୍ମରଣ କରିଥିଲେ । ଏହି ଅବସରରେ ଜେଏସପି ଫାଉଡେସନ ପକ୍ଷରୁ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିନ୍ଦଲ ନଗର ପରିସରରେ ଆୟୋଜିତ ହୋଇଥିବା ସ୍ୱେଚ୍ଛାକୃତ ରକ୍ତ ଦାନ କାର୍ଯ୍ୟକ୍ରମକୁ ଶ୍ରୀ ହୃଦୟେଶ୍ୱର ଝା ଉଦଘାଟନ କରିବା ସହିତ କର୍ମଚାରୀଙ୍କୁ ରକ୍ତଦାନ କରି ଅମୂଲ୍ୟ ଜୀବନ ରକ୍ଷା କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଓଡିଶା ରକ୍ତ ଭଣ୍ଡାର ଏବଂ ଜେଏସପି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ରକ୍ତ ଦାନ ଶିବିରରେ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସତ୍ୟବ୍ରତ ପାଟଜୋଶୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।ଏହି ଶିବିରରୁ ସମୁଦାୟ ୧୪୯ ୟୁନିଟ ରକ୍ତ ସଂଗୃହୀତ ହୋଇଅଛି । ଜିନ୍ଦଲ ମହିଳା ସମିତି,ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସପି ଫାଉଣ୍ଡେସନ ସହ ଯୋଗ ଦେଇ ପାର୍ଶ୍ୱବର୍ତୀ ଅଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକ ଏବଂ ବୃଦ୍ଧାଶ୍ରମରେ ବାସ କରୁଥିବା ଲୋକଙ୍କୁ ବିଭିନ୍ନ ମୌଳିକ ଉପଯୋଗୀ ଯେପରି ଶୁଖିଲା ଖାଦ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ବଣ୍ଟନ କରିଥିଲେ ଓ ବଡମହିତଳା ପୁନର୍ବାସ ଏବଂ ଥଇଥାନ କଲୋନୀ ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ମଧ ବାଉଜିଙ୍କୁ ସ୍ମରଣ କରିବା ସହିତ ତାଙ୍କ ସମ୍ମାନରେ ଛାତ୍ର ଛାତ୍ରୀ ମାନେ ବାଉଜିଙ୍କର ସୁନ୍ଦର ଚିତ୍ର ଅଙ୍କନ କରିଥିଲେ । ଜିନ୍ଦଲ ନଗର ପରିସରସ୍ଥ ଦେବଭୂମି ଠାରେ ଅଖଣ୍ଡ ରାମାୟଣ ପାଠ, ପୂଜା, ହବନ, ପୁଷ୍ପାଞ୍ଜଳି ସହିତ ପୂର୍ଣାହୁତି ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁଳ ସଂଖ୍ୟାରେ ଲୋକ ଯୋଗ ଦେଇ ଥିଲେ । ଏକ ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବାଶ୍ରୀ ଓମ ପ୍ରକାଶ ଜିନ୍ଦଲତାଙ୍କର ଦୃଢ ଇଚ୍ଛାଶକ୍ତି ଫଳରେ ସେ ଜଣେ ସଫଳ ବ୍ୟବସାୟୀ ହେବା ସାଙ୍ଗକୁ ସେ ତାଙ୍କ ସାମାଜିକ ଜୀବନରେ ଅପାର ସଫଳତା ଲାଭ କରିଥିଲେ କ୍ଷ ଏକ ଆତ୍ମ-ନିର୍ଭର ଭାରତ ନିମନ୍ତେ ସ୍ୱପ୍ନ ଦେଖିଥିବା ଏହି ଅଗ୍ରଣୀ ଶିଳ୍ପପତି ଦେଶର ଏକ ଆଗ ଧାଡିର ବ୍ୟବସାୟିକ ପ୍ରତିଷ୍ଠାନ ଭାବରେ ଓପି ଜିନ୍ଦଲ ଗୃପ ସମୂହକୁ ପ୍ରତିଷ୍ଠା କରିଥିଲେ କ୍ଷ ବେଙ୍ଗଲ ଚ୍ୟାମ୍ବର ଅଫ କମର୍ଶ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଭାରତର ଇସ୍ପାତ ଶିଳ୍ପ ନିମନ୍ତେ ବହୁ ମୂଲ୍ୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ "ଜୀବନ ବ୍ୟାପୀ ସାଧନା" ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେ ଏଥି ସହିତ ହରିୟାନା ବିଧାନ ସଭା ଏବଂ ସଂସଦର ସଦସ୍ୟ ଭାବରେ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟ ନିମନ୍ତେ ସାର୍ଥକ ଭାବେ ଯୋଗଦାନ କରିଥିଲେ କ୍ଷ ସେ ହରିୟାନା ରାଜ୍ୟ ସରକାରରେ ଶକ୍ତି ମନ୍ତ୍ରୀ ଭାବରେ ମଧ କାର୍ଯ୍ୟ କରିଥିଲେ କ୍ଷସେ ଜଣେ ବିଶିଷ୍ଟ ସମାଜସେବୀ ଭାବରେ ବହୁ ଗୁଡିଏ ବିଦ୍ୟାଳୟ, ଡାକ୍ତରଖାନା ଏବଂ ଗୋଷ୍ଠୀଗତ ସଂସ୍ଥାନ ପ୍ରତିଷ୍ଠା ଦିଗରେ ମହତ୍ୱପୂର୍ଣ ଭୂମିକା ନିର୍ବାହ କରିଥିଲେ ।

## ଦୁଇଦିନ ବ୍ୟାପି ଶିଶୁ ମହୋତ୍ସବ ପାଳିତ

ଦର୍ପଣ,(ପି.ଏନ.): ଉତ୍କଳମଣି ଶିଶୁ ମହାସମିତି ବଡଚଣା ଆନୁକୁଲ୍ୟରେ ବଡଚଣା ବ୍ଲକ ଅନ୍ତର୍ଗତ ଖଡିଅଙ୍ଗ ସରକରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଶିଶୁମହୋତ୍ସବ ସମିତିର ଅଧକ୍ଷ ଅଭିମନ୍ୟୁ ଧଳଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ଶିଶୁମେଳାକୁ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ପାଢୀ ସଂଚାଳନ କରିଥିଲେ। ଉତ୍ସବରେ ଯାଜପୁର, କଟକ, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲା ମାନଙ୍କରୁ ୨୦୫ ନଂ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ପୁରସ୍କୃତ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣୀ ଉତ୍ସବରେ ବରେଣ୍ୟ ଅତିଥି ଭାବେ ବୈଜ୍ଞାନିକ ଡ.ରବୀନ୍ଦ୍ର ନାରାୟଣ ବେହେରା, ଡାକ୍ତର ରଘୁନାରାୟଣ ପଣ୍ଡା, ଡ. ଚିତରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସ୍ୱାଇଁ, ଶିକ୍ଷାବିତ ଯଶୋବନ୍ତ ଲେଙ୍କା, ବରିଷ୍ଠ ସମାଜସେବୀ ଅରବିନ୍ଦ ଶତପଥି, କବୟିତ୍ରୀ ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ରାମନବମୀ ଉପଲକ୍ଷେ ସତସଙ୍ଗ ସଭା ମହାସମାରୋହରେ ପାଳିତ



ଦର୍ପଣ, (ପି.ଏନ.): କଂଟିଗଡିଆ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ମଧୁକେଶ୍ୱର ମନ୍ଦିର, ପ୍ରଭୁ ଶ୍ରୀରାମ ମନ୍ଦିର ଓ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମର୍ଯ୍ୟଦାପୁରୁଷ ଭଗବାନ ସ୍ରୀରାମଙ୍କ ଜନ୍ମ ମହୋସରବ ଓ ସତସଙ୍ଗ ସଭା ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୨୨ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ନବରାତ୍ର ଓ ଦଶହରା ପର୍ବରେ ମଯ୍ୟଦା ପୁରୁଷ ଶ୍ରୀରାମଙ୍କ ଜନ୍ମ ସହିତ ରାମନବମୀ ପାଳିତ ହେବାପରେ ଦଶହରା ଉତ୍ସବ ମଧ ପାଳିତ ହୋଇଯାଇଛି। ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା, ରାମଚରିତ ମାନସ, ନବାହ୍ନ ପରାୟଣ ପ୍ରବଚନ ଓ ରାମ ଲୀଳା ପରିବେଷଣ କରାଯାଇଛି। ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହ ମାନଙ୍କର ଷୋଡଶ ଉପଚାର ପୂଜା ଓ ସନ୍ଥ ତୁଳସୀ ଦାସଙ୍କ ଲିଖିତ ରାମଚରିତ ମାନସ ପାରାୟଣ ପାଳନ କରାଯାଇଛି। ପ୍ରବଚକ ମାନେ ମର୍ଯ୍ୟଦା ପୁରୁଷ ଶ୍ରୀରାମଙ୍କ ଜନ୍ମ ଠାରୁ ଆରମ୍ଭ କରି ଆଶୁରିତ ଶକ୍ତିର ବିନାସ, ପିତାପୁତ୍ରଙ୍କ ସ୍ମପର୍କ, ମା ଓ ପୁଅଙ୍କ ସମ୍ପର୍କ, ଭାଇ ଭାଇମାନଙ୍କ ସମ୍ପର୍କ ସହିତ ପ୍ରଭୁ ସଙ୍କଟ ମୋଚନଙ୍କ କାର୍ଯ୍ୟ ଓ ରାବଣ ସହିତ କିପରି ପ୍ରଭୁଙ୍କର ଦୀର୍ଘହୋଇ ରାବଣ ଜୀବନକୁ ସେଷ କରି ବୈକୁଣ୍ଠକୁ ରାମ ଭଗବାନ କିପରି ପଠାଇଥିଲେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରାମାୟଣର ପ୍ରତ୍ୟେକ ଖଣ୍ଡରେ କଣସବୁ ଘଟୀଛି ସେ ସମ୍ପର୍କରେ ପ୍ରବଚକ ମାନେ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ଆଲୋଚନା କରି ଶୁଣାଇଥିଲେ। ପ୍ରବଚକ ବାବା ମନୋହର ଦାସ ମହାରାଜ,ପଣ୍ଡିତ ହୃଷିକେଶ ଦାସ ଶର୍ମା, ବାବା ସତ୍ୟ ଚୈତନ୍ୟ ଦାସ ମହାରାଜ, ପଣ୍ଡିତ ଉମାଶଙ୍କର ଦାସ ମହାରାଜ, ବାବା ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ, ରାମକଥାରୁ ଆରମ୍ଭ କରି ରାମ ବାଣ ଦ୍ୱାରା ରାବଣର ମୃତ୍ୟୁ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଉସରବକୁ ଶ୍ରୀରାମ ଜନ୍ମ ମହୋତ୍ସବ ସଭାପତି ବିଜୟ କୁମାର କର ଶର୍ମା, ସଂପାଦକ ବରହ୍ମାନନ୍ଦ ପଣ୍ଡା ଓ ସମସ୍ତ ସଭ୍ୟବୃନ୍ଦ ସମ୍ପୂର୍ଣ୍ଣ ସହ ଯୋଗ କରିଥିଲେ। ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳି କଂଟିଗାଡିର ସେବାଗୃପର ଝିଅ ମାନେ ସମସ୍ତ ସେବାକାର୍ଯ୍ୟ କରିଥିଲେ। ସେଠାରେ ୩ ଦିନଧରି ରାମଲୀଳା ପରିବେଷଣ କରାଯାଇଥିଲେ।

# ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡାଙ୍କ ଅବସର ଗ୍ରହଣ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର୍ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ପଣ୍ଡା ଶୁକ୍ରବାର ଦିନ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ତାଙ୍କ କାର୍ଯ୍ୟାଳୟରେ ଭେଟି ତାଙ୍କର ଅବସର ପରେ ସୁସ୍ଥ ଓ ନିରାମୟ ଜୀବନ ନିମନ୍ତେ କାମନା କରିଥିଲେ। ୧୯୮୭ ମସିହାରେ ରାଜ୍ୟ ସରକାରଙ୍କ ଚିକିତ୍ସାଳୟରେ ଡାକ୍ତର ଭାବେ ଯୋଗ ଦେବା ପରେ ୧୯୯୮ ମସିହାରେ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଚିକିତ୍ସକ ଭାବେ ଯୋଗ ଦେଇଥିଲେ । ୨୦୧୨ ମସିହାରେ ସିନିୟର ଡେପୁଟି ସିଏମଓ ଭାବେ ଚେନ୍ନାଇ ବନ୍ଦରକୁ ବଦଳି ହୋଇ ଯାଇଥିଲେ ଡା.ପଣ୍ଡା। ସେଠାରୁ ୨୦୧୩ ମସିହାରେ କୋଚିନ୍ ବନ୍ଦର ଚିକିତ୍ସାଳୟକୁ ବଦଳି ହୋଇଥିଲେ। ସେଠାରୁ ୨୦୧୫ ମସିହାରେ ପାରାଦୀପ ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତାଙ୍କର ଏହି କାର୍ଯ୍ୟକାଳ ସମୟରେ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏର୍ମଜେନ୍ସି ବିଭାଗ, ଡାକ୍ତରଖାନାର ପରିବେଶରେ ସ୍ୱଛତା ଆଣିବା,ସ୍ୱତନ୍ତ୍ର କୋଭିଡ୍ ଶାଖା,ସୌର ଶକ୍ତିର ବ୍ୟବହାରରେ ବିଭିନ୍ନ ଯନ୍ତ୍ରପାତିର ଉପଯୋଗ,ଡାକ୍ତରଖାନା ସମ୍ମୁଖରେ ସୁନ୍ଦର ଉଦ୍ୟାନ ପ୍ରତିଷ୍ଠା,ଡାକ୍ତରଖାନାର ଲାବରେଟୋରୀର ଆଧୁନିକୀକରଣ, ଡିଜିଟାଲ୍ ଏକ୍ସରେ ସ୍ଥାପନ,ବନ୍ଦର କର୍ମଚାରୀମାନଙ୍କ ପାଇଁ ଯୋଗ ଓ ଆର୍ୟୁବେଦ ଚିକିତ୍ସା ସୁବିଧା ଆଦି ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି । ଶୁକ୍ରବାର ଦିନ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ପୁରୁଷୋତ୍ତମ ଶତପଥି,ରବିନ୍ଦ୍ର କୁମାର ଜେନା,ଜଗବନ୍ଧୁ ସ୍ୱାଇଁ, ବିବେକାନନ୍ଦ ରାଉତ, ବିଶ୍ୱନାଥ ବଳ ପ୍ରମୁଖ ଯୋଗ ଦେଇଥିଲେ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ୍, ଏକ ଲକ୍ଷ ଜରିମାନା

କନ୍ଧମାଳ, (ପି.ଏନ): ଫୁଲବାଣୀ ଫାଷ୍ଟ ଟ୍ରାକ ପୋସ୍କୋ କୋର୍ଟ ର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ୧୭ ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ୧୭ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଏବଂ ସାଇଂଟିଫିକ୍ ରିପୋର୍ଟ ଆଧାରରେ ବିଚାର କରି ଆସାମୀ ଫୁଲବାଣୀ ନାରାୟଣୀ ସାହିର ଦୁର୍ଗାପ୍ରସାଦ ପ୍ରଧାନ (୨୭)କୁ ଦୋଷୀ ସାବ୍ୟସ୍ତ କରିବା ସହ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଏକ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆଉ ଅଧିକ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ପୋସ୍କୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।ସୂଚନା ଅନୁସାରେ, ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ପୀଡ଼ିତାକୁ ବହୁତ ଥର ନିଜ ଘରକୁ ନେଇ ଦୁଷ୍କର୍ମ କରିଥିଲା। ଯାହା ଫଳରେ ପୀଡ଼ିତା ଗର୍ଭବତୀ ହୋଇଥିଲେ। ବାରମ୍ବାର ଅନୁରୋଧ ପରେ ମଧ ଅଭିଯୁକ୍ତ ବିବାହ କରିବାକୁ ପ୍ରତ୍ୟାଖ୍ୟାନ କରିବାରୁ ସାତ ମାସ ଗର୍ଭବତୀ ପୀଡ଼ିତା ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୨୪୯/୧୪.୧୦.୨୦୧୬ ରେଜିଷ୍ଟ୍ରି କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

# ମହିଳାମାନଙ୍କ ପାଇଁ ପାରାଦୀପ ବେଳାଭୂମିରେ ମୋବାଇଲ୍ ଟୟଲେଟ୍ ଉଦଘାଟିତ




ପାରାଦୀପ,(ପି.ଏନ): ପାରାଦୀପ ସମୁଦ୍ର ବେଳାଭୂମିକୁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏଥି ସହିତ ବିଶେଷ ଭାବେ ମହିଳା ଓ ଶିଶୁମାନେ ମଧ ଆସିଥାନ୍ତି । ପାରାଦୀପ ସମୁଦ୍ରକୂଳରେ ସେମାନଙ୍କ ଶୌଚ ନିମନ୍ତେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିଲା । ଏହାକୁ ଦୃଷ୍ଟିରେ ରଖି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଶୁକ୍ରବାର ସଂଧ୍ୟାରେ ଏକ ମେବାଇଲ୍ ଟୟଲେଟ୍ ଉଦଘାଟିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସ୍ୱତନ୍ତ୍ର ଶୌଚଯାନର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ପାରାଦୀପ ବନ୍ଦର ଅବସରପ୍ରାପ୍ତ ଉପାଧକ୍ଷ ଏ.କେ.ବୋଷ, ଜେଏସଡବ୍ଲ୍ୟୁ ୟୁନିଟ୍ ହେଡ୍ ମନୀଶ କୁମାର ଗୁପ୍ତା, ସିଏସଆର୍ ମୁଖ୍ୟ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ହରନାଦ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ର ଏହି କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଜନ ସମ୍ପର୍କ ଅଧିକାରୀ ପିନାକୀ ମହାନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray